ଧରିତ୍ରୀ
DHARITRI
July 30- August 5, 2023 ₹2/-

ଛୁଟିଦିନ

# ଅତିଥି ଦେବୋ ଭବ

ଅତିଥି ଈଶ୍ୱରଙ୍କ ସ୍ୱରୂପ । ତାଙ୍କୁ ହୃଦୟର ସହ ଅଭିବାଦନ କରିବା ଅର୍ଥ ଈଶ୍ୱରଙ୍କୁ ଅଭିବାଦନ କରିବା। ଅତିଥି ସତ୍କାରର ଏହି ପରମ୍ପରା ବହୁ ପୂର୍ବରୁ ଆଜିଯାଏ 'ଅତିଥି ଦେବୋ ଭବ'ର ମାନ୍ୟତା ନେଇ ସାରା ପୃଥିବୀରେ ରହିଛି..

ପ୍ରଚ୍ଛଦ ପ୍ରସଙ୍ଗ ୩



# ବାସ୍ତୁ ଅନୁଯାୟୀ ଝରଣାର ପେଣ୍ଟିଂ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଝରଣାର ପେଣ୍ଟିଂ ହେଉ ଅବା ଫଟୋକୁ ଘରେ ଲଗାଇବା ଦ୍ୱାରା ଅନେକ ଶୁଭଫଳ ମିଳିଥାଏ। କିନ୍ତୁ ଏହାକୁ ନେଇ କିଛିଟା ନିୟମ ରହିଛି; ଯାହାକୁ ମାନିବା ଓ ନ ମାନିବା ଦ୍ୱାରା କ'ଣ ପ୍ରଭାବ ରହିବ ଜାଣନ୍ତୁ ସେ ସମ୍ପର୍କରେ...**



* ଜଳର ସମ୍ପର୍କ ଧନ ସହିତ ମଧ୍ୟ ରହିଛି। ତେଣୁ ଘରର କାନ୍ଥରେ ଝରଣାର ପେଣ୍ଟିଂ ଲଗାଇବା ଦ୍ୱାରା ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ ହୋଇଥାଏ ; ଯାହା ଫଳରେ ଘରେ ସୁଖ, ସମୃଦ୍ଧିର ବୃଦ୍ଧି ଘଟିଥାଏ ବୋଲି ବିଶ୍ୱାସ ରହିଛି।

* ଝରଣାର ପେଣ୍ଟିଂ ହେଉ ଅବା ଫଟୋକୁ ଘରେ ଏମିତି ସ୍ଥାନରେ ଲଗାଇବା ଦରକାର, ଯେମିତିକି ପାଣିର ଧାରା ଘର ଭିତର ଆଡକୁ ଯାଉଥିବା ପରି ପ୍ରତୀୟମାନ ହେଉଥିବ। କାରଣ ଘର ଭିତରକୁ ପାଣି ପ୍ରବେଶ କରିବାର ଚିତ୍ର ଶୁଭ ସଙ୍କେତ ଦେଇଥାଏ।

* ଅତି ବଡ଼ ସାଇଜ୍‌ର ଝରଣାର ପେଣ୍ଟିଂ ହେଉ ଅବା ଫଟୋକୁ ଘରେ ଲଗାଇବା ଠିକ୍ ନୁହେଁ। କାରଣ ଏହା ଘରର ସୌନ୍ଦର୍ଯ୍ୟ ବଢାଇବା ପରିବର୍ତ୍ତେ କମାଇଥାଏ। ତା'ସହିତ ସକାରାତ୍ମକ ଉର୍ଜ୍ଜା ଉପରେ ବି ଖରାପ ପ୍ରଭାବ ପକାଇଥାଏ।

* ଘରର ଉତ୍ତର ଦିଗରେ ଥିବା କାନ୍ଥରେ ଝରଣାର ପେଣ୍ଟିଂ ଲଗାଇବା ଧନବୃଦ୍ଧି ଓ ସୁଖଶାନ୍ତିର ସଙ୍କେତ ଦେଇଥାଏ। ପୂର୍ବ ଓ ପଶ୍ଚିମ ଦିଗରେ ବି ଲଗାଇହେବ କିନ୍ତୁ ଦକ୍ଷିଣ ଦିଗରେ ଲଗାଇଲେ ଏହା ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ।

* ବେଡ୍‌ରୁମ୍‌ରେ ବି ଝରଣାର ପେଣ୍ଟିଂ ଲଗାଇବା ଠିକ୍ ନୁହେଁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୩୦ - ଅଗଷ୍ଟ ୫

**ମେଷ**
ନୂଆ ଯୋଜନା କରିବେ, କାର୍ଯ୍ୟରେ ଅଗ୍ରଗତି, କଥାର ଓଜନ ବଢିବ, ଆର୍ଥିକ ଉନ୍ନତି, ପରୋକ୍ଷ ଶତ୍ରୁତାରୁ ଦୁଃଶ୍ଚିନ୍ତା, ବାଣିଜ୍ୟରେ ପ୍ରତିଷ୍ଠା ବୃଦ୍ଧି, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାରେ ବିଘ୍ନ, ମନୋରଞ୍ଜନର ମଉକା, ବନ୍ଧୁମିଳନରୁ ଆନନ୍ଦ, ସଙ୍ଗୀତ କିମ୍ବା କଳା କ୍ଷେତ୍ରରେ ସୁଯୋଗ ପାଇବେ ॥

**ବୃଷ**
ସ୍ୱାସ୍ଥ୍ୟୋନ୍ନତିରୁ ଆଶ୍ୱସ୍ତି, ମିତ୍ରବନ୍ଧୁଙ୍କ ସାହାଯ୍ୟ, ଧର୍ମକାର୍ଯ୍ୟରେ ବ୍ୟୟ, ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି, ଭ୍ରମଣ ସୁଯୋଗ ଜୁଟିବ, ଶିଳ୍ପବାଣିଜ୍ୟରେ ଉନ୍ନତି, ପ୍ରଶାସନିକ ସଫଳତା, ପଡୋଶୀଙ୍କ କୁତ୍ସାରଟନା, ସନ୍ତାନଙ୍କ କୃତିତ୍ୱ, ଋଣ ଭାର କମିବ ॥

**ମିଥୁନ**
ଦୃଢ ପଦକ୍ଷେପ ନେବେ, ଶତ୍ରୁତାର ବିନାଶ ଘଟିବ, ଦୂରାବସ୍ଥା ବଦଳିବ, ବନ୍ଧୁ ସମ୍ପର୍କରେ ମଧୁରତା, ପଡୋଶୀଙ୍କ ପ୍ରଶଂସା, ବୁଝାମଣା ଠିକ୍ ରହିବ, ହାତ ପାହାନ୍ତାରେ ସୁଯୋଗ, ଫଳପ୍ରଦ ଆଲୋଚନା, ବିବାଦରେ ବିଜୟ, ଯାତ୍ରାରେ କୁଶଳ ॥

**କର୍କଟ**
ମାନସିକ ଦ୍ୱନ୍ଦ୍ୱ, ଅବସାଦ ଦୂର ହେବ, ବ୍ୟାପାରରେ ଲାଭ, ବନ୍ଧୁଙ୍କୁ ଆପଣେଇବେ, ପ୍ରୀତିପ୍ରଦ ମନୋରଞ୍ଜନ, ପ୍ରଶଂସନୀୟ କାମ କରିବେ, ହୋଟେଲ ଶିଳ୍ପରେ ଉନ୍ନତି, କଲ୍ୟାଣମୂଳକ କାର୍ଯ୍ୟ ॥

**ସିଂହ**
ଉଚ୍ଚଚିନ୍ତା କରିବେ, ସମର୍ଥନ ପାଇବେ, ବ୍ୟାଙ୍କଲୋନ୍ ମିଳିବ, ବନ୍ଧୁଙ୍କ ପରାମର୍ଶ, ରୋଗପୀଡା ବୃଦ୍ଧି, ପରଶ୍ରୀକାତରତାରୁ ଦୁଃଖ, ପରିସ୍ଥିତି ବଦଳିଯିବ, ନୂଆ ଯୋଜନା କରିବେ, ବନ୍ଧୁଙ୍କ ସଦ୍ଭାବ ବୃଦ୍ଧି, ପାରିବାରିକ ଶାନ୍ତି, ବ୍ୟବସାୟିକ ଉନ୍ନତି ॥

**କନ୍ୟା**
କାର୍ଯ୍ୟହାନୀରୁ କ୍ଷୋଭ, ପରିବାରରେ ଝଡ, ନୂତନ ମିତ୍ରତା, ବିଳମ୍ବରେ ସଫଳତା, ସମାଲୋଚିତ ହେବେ, ତରବରିଆ ପଦକ୍ଷେପ, ହଇରାଣ ହୋଇପାରନ୍ତି, ତୀର୍ଥାଟନ ଚିନ୍ତା, ଦୂରଯାତ୍ରାର ପ୍ରସ୍ତୁତି, ଭ୍ରାତୃ ସମ୍ପର୍କ ବୃଦ୍ଧି, ଯାନବାହନ କ୍ରୟ, ସନ୍ତାନଙ୍କ କୃତିତ୍ୱ, ଚିନ୍ତା କରିବେ ॥

**ତୁଳା**
ଶାରୀରିକସୁସ୍ଥତା, ଆର୍ଥିକଅଭିବୃଦ୍ଧି, ସୁସମ୍ପର୍କବ୍ୟାହତ, ସହକର୍ମୀଙ୍କ ପରାମର୍ଶ, ନୂତନକାର୍ଯ୍ୟାରମ୍ଭ, ସଫଳତାହାସଲ, ବ୍ୟବସାୟରେ ଉନ୍ନତି, ମନୋବଳ ବୃଦ୍ଧି, ପଡୋଶୀଙ୍କ ଈର୍ଷା, ଦ୍ରବ୍ୟନଷ୍ଟରୁ କ୍ଷୋଭ, ପାରିବାରିକ ମନାନ୍ତର, ଅପଦସ୍ତ ହୋଇପାରନ୍ତି ॥

**ବିଛା**
ମାନସିକ ଅସ୍ଥିରତା, ବନ୍ଧୁଙ୍କ ପ୍ରତାରଣା, ଅବହେଳିତ କାମ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ମିତ୍ରତା ବୃଦ୍ଧି, କ୍ରୀଡା ସଙ୍ଗୀତରୁ ସୁନାମ, ବାଣିଜ୍ୟରେ ସଫଳତା, ରଚନାତ୍ମକ କାର୍ଯ୍ୟ, ଦୂରଯାତ୍ରାର ପ୍ରସ୍ତୁତି, ଧର୍ମକାର୍ଯ୍ୟ କରିବେ, ଫଳପ୍ରଦ ଆଲୋଚନା, ବକେୟା ଅର୍ଥପ୍ରାପ୍ତି ॥

**ଧନୁ**
ଶୁଭଖବର ପ୍ରାପ୍ତି, ଆର୍ଥିକ ଦୂରାବସ୍ଥା, ଅପ୍ରିୟ ଭାଷଣରୁ କଳହ, ଜମିଜମା କଳହ, ବନ୍ଧୁଙ୍କ ମଧ୍ୟସ୍ଥତା, ପରିସ୍ଥିତି ବଦଳିବ, ଆଇନ ସହାୟତାପ୍ରାପ୍ତି, ବନ୍ଧୁଙ୍କ ସହାୟତା, କଳାପ୍ରିୟହେବେ, ଭ୍ରମଣସୌଖ୍ୟ ମିଳିବ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସ୍ଥାନାନ୍ତର ଚିନ୍ତା ॥

**ମକର**
ଅଭିଳାଷ ପୂରଣ, ହୃଦ୍‌ସମ୍ପର୍କ ଫେରିବ, ଅଭାବ ରହିବନି, ମିତ୍ରତା ବୃଦ୍ଧି, ମକଦ୍ଦମାରେ ବିଜୟ, ମନୋରଞ୍ଜନର ମଉକା, ବନ୍ଧୁମିଳନ, ସାମାଜିକ ସମ୍ମାନ,ମୂଲ୍ୟବାନ ଜିନିଷ କ୍ରୟ, ସନ୍ତାନଙ୍କ ଗୌରବ, ଋଣ ପରିଶୋଧ, ବ୍ୟବସାୟିକ କୁଶଳତା ॥

**କୁମ୍ଭ**
ଦୈହିକ ଦୁର୍ବଳତା, କାର୍ଯ୍ୟରେ ଅବହେଳା, ଛୋଟକଥାରୁ ଦ୍ୱନ୍ଦ୍ୱ, ଲକ୍ଷ୍ୟହୀନ ଯାତ୍ରା, କାର୍ଯ୍ୟ ତ୍ୱରାନ୍ୱିତ ହେବ, ପରିବାରରେ ମନୋମାଳିନ୍ୟ, ଦ୍ରବ୍ୟନଷ୍ଟରୁ ବଚସା, ଭଲ କାମ କରି ନିନ୍ଦା, ନୀଚଜନ ସହ ବିବାଦ, ଯୋଗସାଧନାରେ ରୁଚି, ଅଶୌଚ ଖବର ପାଇବେ ॥

**ମୀନ**
ନୂଆ ଯୋଜନାରେ କାର୍ଯ୍ୟ କରିବେ, ଅଭାବଅନଟନ ଦେଖାଦେବ, ଜମିଜମା କ୍ରୟବିକ୍ରୟ, ସମ୍ପର୍କହାନୀରୁ ଦୁଃଶ୍ଚିନ୍ତା, ପରୋକ୍ଷ ଶତ୍ରୁତା, ପ୍ରଶାସନିକ ତତ୍ପରତା, ରାଜନୈତିକ ବିବାଦ, ସମସ୍ୟା ସମାଧାନ, ଆନୁଷ୍ଠାନିକ କାର୍ଯ୍ୟ, ସଭାସମିତିକୁ ନିମନ୍ତ୍ରଣ ॥



# ଉପକାରୀ ସ୍ନେକ୍ ପ୍ଲାଣ୍ଟ

ଏହା ବହୁଳ ବ୍ୟବହୃତ ଇନ୍‌ଡୋର ପ୍ଲାଣ୍ଟ। ଏହା ଏୟାର ପ୍ୟୁରିଫାୟର୍ ପ୍ଲାଣ୍ଟ ହେବା ସହ ଘର ଭିତରେ ଖୁବ୍ କମ୍ ଯତ୍ନରେ ଦୀର୍ଘଦିନ ଧରି ବଞ୍ଚି ରହିଥାଏ। ଏହି ଗଛର ବୃଦ୍ଧି ପାଇଁ ବେଶି ପାଣି ଆବଶ୍ୟକ ହୁଏ ନାହିଁ। ମୁଖ୍ୟତଃ ଘରର ସାଜସଜ୍ଜା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ଏହା କେବଳ ଘରର ସୌନ୍ଦର୍ଯ୍ୟ ବୃଦ୍ଧିକରେ ତାହା ନୁହେଁ, ଘରର ବାସ୍ତୁ ସମସ୍ୟାକୁ ମଧ୍ୟ ଠିକ୍ କରିବାରେ ଅନେକ ସାହାଯ୍ୟ କରିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଯେମିତିକି: ଏହା ଘର ଭିତରର ବାୟୁକୁ ଶୁଦ୍ଧ କରିବା ସହ ଅକ୍ସିଜେନ୍ ଲେଭଲକୁ ବଢ଼ାଇ ଦେଇଥାଏ। ଘରକୁ ସୁଖ, ଶାନ୍ତି ଆଣିବା ସହ ସମୃଦ୍ଧିର ମାର୍ଗ ଖୋଲି ଦେଇଥାଏ। ତା'ସହ ଘରକୁ ପ୍ରବେଶ କରୁଥିବା ନକାରାତ୍ମକ ଉର୍ଜାକୁ ନଷ୍ଟ କରିବାରେ ବି ଏହା ଅନେକ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ସ୍ନେକ୍ ପ୍ଲାଣ୍ଟ କ୍ୟାନ୍‌ସର ସୃଷ୍ଟି କରୁଥିବା ପ୍ରଦୂଷଣକୁ ମଧ୍ୟ ବାୟୁମଣ୍ଡଳରୁ ନଷ୍ଟ କରିବାରେ ସହାୟକ ହୋଇଥାଏ। ଅନ୍ୟପକ୍ଷେ ଶରୀରର କୌଣସି ସ୍ଥାନ କୁଣ୍ଡାଇ ହେଉଥିଲେ କିମ୍ବା ଫୁଲିଯାଇଥିଲେ, ସେହି ସ୍ଥାନରେ ଏହି ଗଛର ପତ୍ରକୁ ବାଟି ଲେପ ଦେଲେ ଅନେକାଂଶରେ ଉପକାର ମିଳିଥାଏ ବୋଲି ବିଶ୍ୱାସ ରହିଛି।

# ପାଠକୀୟ

▶ଶ୍ରୀ ଶ୍ରେଷ୍ଠ, ଶ୍ରୀ ସୁନ୍ଦର ଆଉ ଶ୍ରୀ ହିଁ ସମୃଦ୍ଧିର ପ୍ରତୀକ। ଆଉ ଏହିସବୁ ପାଇଁ ହିଁ ନଡ଼ିଆ ପାଇଛି ଶ୍ରୀଫଳର ମାନ୍ୟତା। ତେଣୁ 'ଶ୍ରୀଫଳ'କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। 'ବାହାର କାନ୍ଥରେ ରଙ୍ଗ ଲଗାଉଥିଲେ', 'ଘରେ ବୁଢ଼ିଆଣୀ ଜାଲ ହେଉଥିଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଅମରେଶ ମହାନ୍ତି, ୱାଟର ୱାର୍କ୍ସ ରୋଡ୍, ପୁରୀ-୨*

▶ଶୁଭ ଆଉ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଉଥିବା ନଡ଼ିଆ ବି ଜୀବନଦାୟୀ। କାରଣ ଏହାର ଗଛରୁ ଆରମ୍ଭକରି ଫଳପତ୍ର ଯାଏଁ ମଣିଷର ସବୁ ଆବଶ୍ୟକତାକୁ ପୂରଣ କରିଥାଏ। ସେଥିପାଇଁ ପରା କୁହାଯାଏ, ଘରେ ନଡ଼ିଆଗଛ ଥିଲେ ମଣିଷର ଅଭାବ ରୁହେନି। ତେଣୁ ନଡ଼ିଆ ବା ଶ୍ରୀଫଳକୁ ନେଇ ପ୍ରସ୍ତୁତ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ନିଆରା ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ 'ସେରାମିକ୍ ଶିଳ୍ପୀ ସରୋଜ କୁମାର ରାଉତ'ଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ସରୋଜିନୀ ତ୍ରିପାଠୀ, ନିଆଳି, କଟକ*

▶ସୃଜନ ପୃଷ୍ଠାରେ ସ୍ଥାନିତ 'ଜୋତା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। ସେହିପରି 'କଫନ୍' ଏବଂ 'ଅନାମ କବିତା' ଶୀର୍ଷକ କବିତା ଦୁଇଟି ମଧ୍ୟ ଖୁବ୍ ମଜାଦାର ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ସାନ୍ୟାଙ୍କ ନେଟ୍‌ୱର୍ଥ', 'ସାଲାର ଭରସା','କାୱାଲା କାୱାଲା' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା। ସାହିତ୍ୟିକା ସସ୍ମିତା ମହାନ୍ତିଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ଖୁବ୍ ପ୍ରେରଣାଦାୟୀ ଥିଲା।

*– ରଶ୍ମିତା ସାହୁ, ଭବାନୀପାଟଣା*

▶ମାଦଳବାଦ୍ୟର ଗାଁ କିରିଙ୍ଗିସେରା ସମ୍ପର୍କରେ ଛୁଟିଦିନରୁ ପଢ଼ି ବହୁ ଅଜଣା କଥା ଜାଣିହେଲା। ମଡେଲ ମିରର୍‌ରେ ଜୁଲି ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର ହୋଇଥିଲା। ଫୁଲର ଉପତ୍ୟକା ସମ୍ପର୍କରେ ସହର ପୃଷ୍ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିହେଲା। ବିବିଧା ପୃଷ୍ଠାରୁ 'ଲଙ୍କା' ବିଷୟରେ ମଧ୍ୟ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ସରୋଜ ରଥ, ପୋଖରୀପୁଟ, ଭୁବନେଶ୍ୱର*

▶ଏଥରର ବ୍ୟଙ୍ଗ 'ଆଇ ଲଭ୍ ଇଣ୍ଡିଆ' ପାଠଟି ସତରେ ବେଶ୍ ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ '୬୦ ବର୍ଷ ଶୋଇ ନ ଥିବା ବ୍ୟକ୍ତି', 'ବଡ଼ ପାଉଁରୁଟି', 'କୁମ୍ଭୀର ସଙ୍ଗେ ବନ୍ଧୁତା' ଆଦି ପାଠ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର ବି ହୋଇଥିଲା।

*– ପୁଷ୍ପାଞ୍ଜଳି ଦାଶ, ଝାରସୁଗୁଡ଼ା*



## ବିଶେଷ ଚିଠି

ପ୍ରଚ୍ଛଦ ପ୍ରସଙ୍ଗ 'ଶ୍ରୀଫଳ
ହୋଇଥିଲା ଭାରି ବଢ଼ିଆ,
ଶିଖାଇଲା ଅନେକ କଥା
ଦେଖାଇଲା ନୂଆ ରାସ୍ତା।
ସୃଜନ ପୃଷ୍ଠା ବି ଲାଗୁଥିଲା
ଭାରି ଖାସ୍
ହାଃ ହାଃ ପଢ଼ି ମନ
ହୋଇଗଲା ପୂରା ବିନ୍‌ଦାସ୍।
ସେଥିପାଇଁ ହେ ଛୁଟିଦିନ
ପତ୍ରିକା ମଧ୍ୟେ ତୁମେ ସର୍ବୋତ୍ତମ।

*– ରାମ ମିଶ୍ର, ଅନୁଗୋଳ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଅତିଥି ଦେବୋ ଭବ



**ଅତିଥି ଈଶ୍ୱରଙ୍କ ସରୂପ। ତାଙ୍କୁ ହୃଦୟର ସହ ଅଭିବାଦନ କରିବା ଅର୍ଥ ଈଶ୍ୱରଙ୍କୁ ଅଭିବାଦନ କରିବା। ଅତିଥି ସତ୍କାରର ଏହି ପରମ୍ପରା ବହୁ ପୂର୍ବରୁ ଆଜିଯାଏ 'ଅତିଥି ଦେବୋ ଭବ'ର ମାନ୍ୟତା ନେଇ ସାରା ପୃଥିବୀରେ ରହିଛି..**

ଭାରତୀୟ ସଂସ୍କୃତିରେ ଅତିଥିଙ୍କୁ ଈଶ୍ୱର ମଣି ତାଙ୍କୁ ଆଦର ସତ୍କାର ପୂର୍ବକ ଆତିଥ୍ୟ କରିବାର ପରମ୍ପରା ବହୁ ପୁରାତନ। ଯାହାର ଏକ ବଡ଼ ଉଦାହରଣ ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ବନ୍ଧୁ ସୁଦାମାଙ୍କୁ କରିଥିବା ଅତିଥି ସତ୍କାର। ଏକଦା ବାଲ୍ୟବନ୍ଧୁ ତଥା ଦ୍ୱାରିକାଧିପତି ଶ୍ରୀକୃଷ୍ଣଙ୍କୁ ଭେଟିବା ପାଇଁ ଦରିଦ୍ର ସୁଦାମା ଯାଇଥା'ନ୍ତି। ଦ୍ୱାରପାଳ କିନ୍ତୁ ତାଙ୍କୁ ଶ୍ରୀକୃଷ୍ଣଙ୍କ ବନ୍ଧୁ ବୋଲି ବିଶ୍ୱାସ ନ କରିପାରି ମହଲ ଭିତରକୁ ଯିବାକୁ ଦେଲେ ନାହିଁ। ହେଲେ ଏ ଖବର ଯେବେ ଶ୍ରୀକୃଷ୍ଣଙ୍କୁ ମିଳିଲା ସେ ଆତୁରତାର ସହ ଖାଲିପାଦରେ ଦୌଡି ଯାଇଥିଲେ ସୁଦାମାଙ୍କ ପାଖକୁ। ଆଉ ତାଙ୍କୁ ପାଛୋଟି ଆଣି ତାଙ୍କ ପାଦ ଧୋଇ ଅତିଥି ସତ୍କାର କରିଥିଲେ। ତାଙ୍କ ରହିବା, ଖାଇବା, ପିନ୍ଧିବାର ସୁବ୍ୟବସ୍ଥା କରିଥିଲେ। ସୁଦାମା ସ୍ନେହରେ ଆଣିଥିବା ଖୁଦ ଭଜାକୁ ଖୁସିରେ ଛଡ଼ାଇ ଖାଇଥିଲେ। ଆଉ ସୁଦାମା ଯେବେ ଘରେ ପହଞ୍ଚିଥିଲେ ନିଜର ଭଙ୍ଗାଦଦରା ଘର ସ୍ଥାନରେ ମହଲଟିଏ ଦେଖି ଚକିତ ହୋଇଯାଇଥିଲେ। ଯାହାକି ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରିୟ ବନ୍ଧୁଙ୍କ ପାଇଁ ଥିଲା ଏକ ଗୁପ୍ତ ଉପହାର। ସେହି ସ୍ନେହ, ସମ୍ମାନଭରା ଆତିଥ୍ୟର ପରମ୍ପରା ଆଜିବି ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରେ। ଆଉ ଅତିଥିଙ୍କୁ ଭଗବାନ ତୁଲ୍ୟ ମଣାଯାଏ। ଅର୍ଥାତ୍ 'ଅତିଥି ଦେବୋ ଭବ'ର ମାନ୍ୟତା ଭାରତରେ କାହିଁ କେବେଠୁ ରହି ଆସିଛି।

**ଅତିଥିର ସଂଜ୍ଞା:** ପୁରାତନ ସମୟରେ ଦ୍ରୁତ ଯୋଗାଯୋଗର ମାଧ୍ୟମ କିଛି ନ ଥିଲା। ଭାବର ଆଦାନ ପ୍ରଦାନ ପାଇଁ ଲୋକେ ସାଧାରଣତଃ ଦୂରରେ ରହୁଥିବା ପ୍ରିୟଜନଙ୍କ ଘରକୁ ଯାଉଥିଲେ। ସେପୁଣି ଆଗୁଆ ସୂଚନା ଦେଇ ନ ପାରି। ସେଥିପାଇଁ ଅତିଥି କେତେବେଳେ କେଉଁ ମୁହୂର୍ତ୍ତରେ ଆସିବେ ସେତେବେଳେ ଜଣା ନ ଥିଲା। ତେଣୁ କୁହାଯାଏ 'ନ ବିଦ୍ୟତେ ତିଥିର୍ଯ୍ୟସ୍ୟ ସ ଅତିଥିଃ'। ଅର୍ଥାତ 'ଯାହାଙ୍କ ଆଗମନର କୌଣସି ତିଥି ନ ଥାଏ ସେ ହେଉଛନ୍ତି ଅତିଥି'। ଖାଲି ସାଧାରଣ ଲୋକ ନୁହନ୍ତି ପୂର୍ବେ ରାଜାମହାରାଜା ବି ଅତିଥିଙ୍କୁ ଈଶ୍ୱର ତୁଲ୍ୟ ମଣି ତାଙ୍କୁ ପୂଜା କରୁଥିଲେ। ସେମାନଙ୍କ ରହିବାର ବ୍ୟବସ୍ଥା କରାଯାଉଥିଲା, ଯତ୍ନ ନେବା ପାଇଁ ଦାସଦାସୀ ଯୋଗାଇ ଦିଆଯାଉଥିଲା। ଅତିଥିଙ୍କୁ ପିନ୍ଧିବା ପାଇଁ ଭଲ ବସ୍ତ୍ର, ଗହଣା ଓ ଖାଇବା ଲାଗି ସୁସ୍ୱାଦୁ ବ୍ୟଞ୍ଜନ ଦିଆଯାଉଥିଲା। ଆଉ ଅତିଥି ପ୍ରସ୍ଥାନ କଲାବେଳେ ତାଙ୍କୁ ଉପହାରସ୍ୱରୂପ ସ୍ୱର୍ଣ୍ଣ ମୁଦ୍ରା ଓ ଅନେକ ବହୁମୂଲ୍ୟ ପଦାର୍ଥ ପ୍ରଦାନ କରାଯାଉଥିଲା।

**ସର୍ବାଗ୍ରେ ଅତିଥି ସତ୍କାର:** ଆଧ୍ୟାତ୍ମିକ ପ୍ରବଚକ ଶ୍ରୀସନ୍ନ୍ୟାସୀ ଜୀ କୁହନ୍ତି, 'ଭାଗବତରେ କୁହାଯାଇଛି 'ଗୃହେ ଯେ ଅତିଥି ଆଗତ, ତାହାଙ୍କୁ ମଣି ବିଷ୍ଣୁମତା' ଅର୍ଥାତ୍ ଘରକୁ ଆସିଥିବା ଅତିଥିଙ୍କୁ ଭଗବାନ ବିଷ୍ଣୁ ବା ନାରାୟଣ ସଦୃଶ ମନେକରି ତାଙ୍କୁ ଆଦର ଓ ସମ୍ମାନର ସହ ସ୍ୱାଗତ କରାଯିବା ଉଚିତ। ଭାଗବତରେ ଏହା ମଧ୍ୟ ବର୍ଣ୍ଣନା କରାଯାଇଛି 'ଯେ ଘରୁ ଅତିଥି ବାହୁଡ଼େ, ସେ ପ୍ରାଣୀ ପ୍ରେତ ମୁଖେ ପଡ଼େ।' ଅର୍ଥାତ୍ ଅତିଥିଙ୍କୁ ସତ୍କାର ନ କଲେ ଗୃହକର୍ତ୍ତାଙ୍କୁ ପ୍ରେତ ମାଡ଼ିବସେ। ତେଣୁ ସନାତନ ଧର୍ମରେ ଅତିଥିଙ୍କ ସ୍ୱାଗତ ସତ୍କାରକୁ ସବୁବେଳେ ଗୁରୁତ୍ୱ ଦିଆଯାଇଛି।

**କେଉଁ ଅତିଥିଙ୍କୁ କେମିତି ସ୍ୱାଗତ:** ଅତିଥି ଭଗବାନ ସ୍ୱରୂପ। ତେବେ ଅତିଥି ଭିନ୍ନଭିନ୍ନ ପ୍ରକାରର ଥାଆନ୍ତି। ସେଥିପାଇଁ ସେମାନଙ୍କୁ ସ୍ୱାଗତ କରିବାର ପ୍ରଣାଳୀ ବି ଭିନ୍ନ ଭିନ୍ନ ହୋଇଥାଏ। ଏଇ ଯେମିତି–

**ପଦଧୌତ ପୂର୍ବକ**– ଭାରତର ଅନେକ ସ୍ଥାନରେ ଖାସ୍‌କରି ଗ୍ରାମ ଓ ଛୋଟ ସହରରେ ଘରକୁ ଆସୁଥିବା ମାନ୍ୟତାସମ୍ପନ୍ନ କୁଣିଆ ବା ବନ୍ଧୁଙ୍କ ପାଦକୁ ଏକ ପିଢା ଉପରେ ରଖି ପାଦକୁ ଧୌତ କରି ସାଷ୍ଟାଙ୍ଗ ପ୍ରଣାମ କରି ସ୍ୱାଗତ କରାଯାଏ।

**ତିଳକ:** ଚନ୍ଦନ, ସିନ୍ଦୂର ତା'ସହ ଚାଉଳର କିଛି ଦାନାକୁ କପାଳରେ ଲଗାଇ ଫୁଲମାଳ ପିନ୍ଧାଇ ଖାସ୍ ଅତିଥିଙ୍କୁ ସ୍ୱାଗତ କରାଯାଇଥାଏ।

**ପୁଷ୍ପ, ଦୀପ ଆଦି ଦ୍ୱାରା**– ଗ୍ରାମକୁ କୌଣସି ରାଜନୈତିକ ନେତୃବୃନ୍ଦ ଅତିଥି ହୋଇ ଆସିଲେ କପାଳରେ ତିଳକ, ବେକରେ ପୁଷ୍ପ ମାଲ୍ୟ, ନବ ବସ୍ତ୍ର ଆଦି ପ୍ରଦାନ କରି ସ୍ୱାଗତ କରାଯାଏ।

**ବେଦପାଠ ପୂର୍ବକ**– ଏ ପ୍ରକାର ସ୍ୱାଗତ ସାଧୁସନ୍ଥମାନଙ୍କ ପ୍ରତି ଲାଗୁ ହୋଇଥାଏ। ପ୍ରବଚନ ପାଇଁ କୌଣସି ବିଶିଷ୍ଟ ସନ୍ଥ ଆସିଲେ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତି ତାଙ୍କର ପାଦ ଧୌତ କରି ପୁଷ୍ପ, ଦୀପରେ ବନ୍ଦାପନା କରନ୍ତି। ତା'ସହ ଅତିରିକ୍ତ ବେଦ ପାଠ ଏବଂ ଶଙ୍ଖ ଧ୍ୱନି ବି କରାଯାଏ। ଆଉ ତାଙ୍କ ପାଦ ସ୍ପର୍ଶ କରି ସାଷ୍ଟାଙ୍ଗ ପ୍ରଣାମ କରାଯାଏ।

**ବାଦ୍ୟନାଦ ପୂର୍ବକ**– ବିଦ୍ୟାଳୟକୁ କୌଣସି ଅତିଥି ଆସିଲେ ସ୍କାଉଟ୍ସମାନଙ୍କ ଦ୍ୱାରା ବାଦ୍ୟନାଦ ପୂର୍ବକ ସ୍ୱାଗତ କରାଯାଏ।

**ସାଲ୍ୟୁଟ ପ୍ରଦର୍ଶନ ଦ୍ୱାରା**– ସାଧାରଣତଃ ଜାତୀୟ ପର୍ବଗୁଡ଼ିକରେ ବହିରାଗତ ଅତିଥିମାନଙ୍କୁ ପରେଡ ମାଧ୍ୟମରେ ସ୍ୱାଗତ କରାଯାଇଥାଏ।

**ଆଲିଙ୍ଗନ ପୂର୍ବକ**– ଗୋଟିଏ ଦେଶର ନେତା ଅନ୍ୟ ଦେଶକୁ ଗଲେ ବିମାନ ବନ୍ଦରରେ ଏ ପ୍ରକାର ସ୍ୱାଗତ ଦେଖିବାକୁ ମିଳିଥାଏ। କରମର୍ଦ୍ଦନ ପୂର୍ବକ ଜଣେ ଆଉ ଜଣକୁ ଆଲିଙ୍ଗନ କରି ସ୍ୱାଗତ କରିଥାଆନ୍ତି।

**କରତାଳି ଦ୍ୱାରା**–ଜନ ସମାଗମ ମଧ୍ୟରେ ମଞ୍ଚ ଉପରକୁ ଅତିଥି ଆସିଲେ ତାଙ୍କୁ କରତାଳି ଦ୍ୱାରା ସ୍ୱାଗତ କରାଯାଏ।

**ଯୋଡ଼ ହସ୍ତ ନମସ୍କାର:** ଅତିଥିଙ୍କୁ ସ୍ୱାଗତ କରିବାର ଏହା ହେଉଛି ପ୍ରମୁଖ ମାଧ୍ୟମ। ଏଥିରେ ଦୁଇହାତର ପାପୁଲିକୁ ମିଶାଇ ଛାତି ପାଖରେ ରଖି ମୁଣ୍ଡ ସାମାନ୍ୟ ନୁଆଇଁ ଜଣା ହୁଅନ୍ତୁ ଅବା ଅଜଣା ବ୍ୟକ୍ତିଙ୍କୁ ସ୍ୱାଗତ କରାଯାଏ।

**ଭାରତର ବିଭିନ୍ନ ସ୍ଥାନର ଆତିଥ୍ୟ :** ବିବିଧତା ମଧ୍ୟରେ ଏକତାର ନିଦର୍ଶନ ହେଉଛି ଭାରତ। ଏଠାରେ ନାନା ଧର୍ମ, ସମ୍ପ୍ରଦାୟ ଓ ଭାଷାଭାଷୀର ଲୋକେ ବସବାସ କରନ୍ତି। ତେଣୁ ଅତିଥି ସତ୍କାରର ପ୍ରକ୍ରିୟା ବି ଏଠାରେ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ। ଯେମିତିକି ରାଜସ୍ଥାନରେ ଦୁଇ ହାତକୁ ଯୋଡି ଛାତି ପାଖରେ ରଖି ଅଣ୍ଟାଠୁ ଆଗକୁ ସାମାନ୍ୟ ନଇଁ 'ଖମ୍ମା ଘନି' କହି ଅତିଥିଙ୍କୁ ସ୍ୱାଗତ କରାଯାଏ। ଖମ୍ମା ଅର୍ଥ 'ଅଭିବାଦନ' ଓ 'ଘନି' ଅର୍ଥ ଉତ୍ସାହ। ମୁହଁରେ ହସ, ମୁଣ୍ଡରେ ରଙ୍ଗିନ ପଗଡି ପିନ୍ଧି ଉତ୍ସାହର ସହ ଅତିଥିଙ୍କୁ ଅଭିବାଦନର ଏହି

→













ପରମ୍ପରା ବେଶ୍ ନିଆରା। ପଞ୍ଜାବର ଶିଖ୍ ଧର୍ମର ଲୋକେ ବେଶ୍ ବନ୍ଧୁ ବତ୍ସଳ। ଔଜ୍ଜ୍ୱଲ୍ୟମାନ କୁର୍ତ୍ତା ପାଇଜାମା ଓ ମୁଣ୍ଡରେ ପଗଡି ପିନ୍ଧି ଢୋଲର ତାଳେ ତାଳେ ଭାଙ୍ଗଡା ନୃତ୍ୟ କରି ସେମାନେ ଅତିଥିଙ୍କୁ ସ୍ୱାଗତ କରନ୍ତି। ଆଉ ଅତିଥିଙ୍କୁ ବହୁତ ଜୋସ୍‌ର ସହ 'ସତ୍ ଶ୍ରୀ ଆକାଲ' କହିଥାନ୍ତି। ଯାହାର ଅର୍ଥ ହେଉଛି 'ଟ୍ରୁ ଇଜ୍ ଦ ନେମ୍ ଅଫ୍ ଗଡ଼'। ବେଶ୍ ମେଳାପି ଗୁଜୁରାଟୀମାନେ ଥାଳିରେ ଚନ୍ଦନ ଦୀପ ଧରି ଆଳତି କରି 'ଆଓ ପଧାରୋ' କହି ଅତିଥିଙ୍କୁ ସ୍ୱାଗତ କରନ୍ତି। ସେହିଭଳି ମହାରାଷ୍ଟ୍ରରେ 'ତୁମଚା ସ୍ୱାଗତ ଆସୋ' ଅର୍ଥାତ୍ ଆପଣଙ୍କୁ ବହୁତ ବହୁତ ସ୍ୱାଗତ କହି ଅତିଥିଙ୍କୁ ଅଭିବାଦନ କରାଯାଏ। ଦକ୍ଷିଣ ଭାରତର ଲୋକେ ନିଜ ସଂସ୍କୃତି ଓ ପରମ୍ପରାକୁ ବହୁତ ମାନନ୍ତି। ସେଥିପାଇଁ ଅତିଥିଙ୍କୁ ଅଭିବାଦନ କରିବାର ପୁରାତନ ପରମ୍ପରାକୁ ଏବେ ବି ସେମାନେ ମାନି ଆସୁଛନ୍ତି। ତାମିଲ ଭାଷାଭାଷୀ ଲୋକେ 'ୱଣକମ୍' ଅର୍ଥାତ୍ ଅନେକ ଅଭିବାଦନ କହି ପବିତ୍ର ଜଳ ସିଞ୍ଚନ କରି ଓ କପାଳରେ ତିଳକ ଲଗାଇ ଅତିଥିଙ୍କୁ ସ୍ୱାଗତ କରନ୍ତି। ଆସାମରେ ଅତିଥିଙ୍କୁ ସ୍ୱାଗତ କରିବାର ଏକ ଭିନ୍ନ ପରମ୍ପରା ରହିଛି। ସେମାନେ ସାଧାରଣତଃ ଅତିଥିଙ୍କୁ ଏକ ସ୍ୱତନ୍ତ୍ର ଧରଣର କୋନ୍ ଆକାରର ବାଉଁଶରେ ତିଆରି ଝାମ୍ପି ପିନ୍ଧାଇ 'ଆଦୋରୋନି' କହି ସ୍ୱାଗତ କରନ୍ତି। 'ଆଦୋରୋନି'ର ଅର୍ଥ 'ସ୍ୱାଗତ'। ଆଉ କେରଳରେ 'ସ୍ୱାଗତମ' ବା 'ନମସ୍କାରମ୍' କହି ଯୋଡ ହସ୍ତରେ ଅତିଥିଙ୍କୁ ଅଭିବାଦନ କରାଯାଏ।

**ଅତିଥିଙ୍କୁ ସ୍ୱାଗତ କେଉଁଠି କେମିତି:** କେବଳ ଭାରତରେ ଯେ, ଅତିଥିଙ୍କୁ ଈଶ୍ୱର ସମ ମନେକରି ସାଦରେ ଅଭିବାଦନ ବା ସ୍ୱାଗତ କରାଯାଏ, ତାହା ନୁହେଁ। ସାରା ପୃଥିବୀରେ ଅତିଥି ସତ୍କାରର ରହିଛି ମହତ୍ତ୍ୱ। ହେଲେ କିଛି ସ୍ଥାନରେ ଏହାକୁ ନେଇ ରହିଛି ବେଶ୍ ଅଜବ ପରମ୍ପରା। ଯେମିତି–

**ମାସାଇଙ୍କ ଜମ୍ପିଂ ଡ୍ୟାନ୍ସ:** କେନିଆ, ମାସାଇ ମାରା ଆଦିବାସୀ ସମ୍ପ୍ରଦାୟ ଜୋସ୍‌ରେଭରା ତାଙ୍କର ସ୍ୱାଗତ ସମ୍ବର୍ଦ୍ଧନା ପରମ୍ପରା ଲାଗି ସାରା ପୃଥିବୀରେ ପ୍ରସିଦ୍ଧ। ତାଙ୍କ ଅଞ୍ଚଳକୁ ବାହାରର କେହି ଖାସ୍ ଅତିଥି ଆସିଲେ ସମ୍ପ୍ରଦାୟର ୧୨ ଜଣରୁ ଊର୍ଦ୍ଧ୍ୱ ଯୋଦ୍ଧା ଲାଲ ରଙ୍ଗର ପାରମ୍ପରିକ ପୋଷାକ 'ଶୁକା' ପିନ୍ଧି 'ଆଦାମୁ' ନୃତ୍ୟ ବା ଜମ୍ପିଂ ଡ୍ୟାନ୍ସ କରନ୍ତି। ଡେଇଁ ଡେଇଁ ବେଶ୍ ଜୋସ୍‌ର ସହ ଉକ୍ତ ନୃତ୍ୟ କରିବାବେଳେ ସେମାନେ କୌଣସି ଯୁଦ୍ଧର କାହାଣୀ ବି କୁହନ୍ତି। ଶେଷକୁ ସେମାନେ ଗୋଲାକାରରେ ଏକାଠି ଠିଆ ହୁଅନ୍ତି ଓ କିଏ ଅଧିକ ଉଚ୍ଚ ଡେଇଁ ପାରିବ ତାକୁ ନେଇ ପ୍ରତିଯୋଗିତା କରନ୍ତି। ଅତିଥିମାନଙ୍କୁ ବି ତାଙ୍କ ସହ ଡେଇଁବା ପ୍ରତିଯୋଗିତାରେ ସାମିଲ ହେବା ପାଇଁ ସୁଯୋଗ ଦିଆଯାଏ। ଡେଇଁବା ସହ ସେମାନେ ଖୁବ୍ ଜୋର୍‌ରେ ପାଟି ବି କରନ୍ତି। ସେମାନେ ଏଭଳି ଡେଇଁଥାନ୍ତି ଯେମିତିକି ଡେଇଁବା ବେଳେ ତାଙ୍କ ହାତ ହଲିବ ନାହିଁ କି ଆଣ୍ଠୁ ଭାଙ୍ଗିବ ନାହିଁ। ଏହି ସମୟରେ ମହିଳାମାନେ ତାଙ୍କ ଚାରିପଟେ ଗୀତ ଗାଇ ଗାଇ ନୃତ୍ୟ କରିଥାନ୍ତି। ଏଭଳି ଆତିଥ୍ୟକୁ ଅତିଥିମାନେ ବେଶ୍ ମନଭରି ଉପଭୋଗ କରିଥାନ୍ତି।

**ନାକକୁ ନାକ ଘଷି ସ୍ୱାଗତ:** ପିଢ଼ି ପରେ ପିଢ଼ି କାହିଁ କେବେଠାରୁ ନ୍ୟୁଜିଲାଣ୍ଡର ମାଓରୀ ସମ୍ପ୍ରଦାୟର ଲୋକେ ଅତିଥିଙ୍କୁ ସ୍ୱାଗତ କରିବା ଲାଗି 'ହୋଙ୍ଗି' ପରମ୍ପରାକୁ ପାଳି ଆସୁଛନ୍ତି। ଏହା ଏକ ବେଶ୍ ନିଆରା ପରମ୍ପରା। ଯେଉଁଥିରେ ମାଓରୀ ସମ୍ପ୍ରଦାୟର ଲୋକେ ଅତିଥିଙ୍କ ନାକ ସହ ନିଜ ନାକ ଓ କପାଳକୁ କପାଳ ଲଗାଇ ଘଷି ସେମାନଙ୍କୁ ସ୍ୱାଗତ କରନ୍ତି। ଖାସ୍‌କରି ସେମାନଙ୍କ ଉତ୍ସବ ସମାରୋହରେ ସାମିଲ ହେବା ପାଇଁ ନିମନ୍ତ୍ରିତ ଅତିଥିଙ୍କୁ ଏହିଭଳିଭାବେ ସ୍ୱାଗତ କରାଯାଇଥାଏ। ଏଭଳି ସ୍ୱାଗତକୁ ସମ୍ମାନଜନକ ବୋଲି ଧରାଯାଏ। ନାକ ସହ ନାକ ଲଗାଇ ଶ୍ୱାସ ବିନିମୟ କରିବାର ଏହି ପ୍ରଥା ବହୁ ପୁରାତନ। ଏହା ମାଓରୀ–ଅଣ ମାଓରୀ, ନ୍ୟୁଜିଲାଣ୍ଡକୁ ନୂଆ ଆସିଥିବା ବ୍ୟକ୍ତି ଏବଂ ବିଦେଶୀ ପର୍ଯ୍ୟଟକଙ୍କ ସହ କରାଯାଇଥାଏ। ବ୍ରିଟିଶ ରାଜପରିବାରର ପ୍ରିନ୍ସ ଚାର୍ଲସ, ପ୍ରିନ୍ସେସ ଡାଏନା, ପ୍ରିନ୍ସ ୱିଲିୟମ, କେଟ୍ ମିଡଲଟନ୍, ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ଏଠାକୁ ଆସିଥିବାବେଳେ ବି ସେମାନଙ୍କୁ ଏହିଭଳିଭାବେ ସ୍ୱାଗତ କରାଯାଇଥିଲା।

**ଜିଭ ଦେଖାଇ ସ୍ୱାଗତ:** ତିବ୍ବତରେ ବୌଦ୍ଧ ଧର୍ମାବଲମ୍ବୀଙ୍କର ଅତିଥିଙ୍କୁ ସ୍ୱାଗତ କରିବାର ଉପାୟ ବହୁତ ମଜାଦାର । ଏଠାରେ ଖତେଇ ହେବା ଭଳି ଜିଭ ବାହାରକୁ ବାହାର କରି ପାପୁଲିକୁ ଛାତିରେ ରଖି ଅତିଥିଙ୍କୁ ସ୍ୱାଗତ କରାଯାଏ। ଏଭଳି ସ୍ୱାଗତ ପଛର କାରଣ ହେଉଛି ବୌଦ୍ଧ ଧର୍ମାବଲମ୍ବୀମାନେ ପୁନର୍ଜନ୍ମ ଉପରେ ବିଶ୍ୱାସ କରନ୍ତି। ସେମାନଙ୍କର ବିଶ୍ୱାସ କଳା ଜିଭ ଥିବା ଦୁଷ୍ଟ ରାଜାଙ୍କର ପୁନର୍ଜନ୍ମ ହେବ। ତେଣୁ ସେମାନେ ଦେଖା ହେବା କ୍ଷଣି ନିଜ ନିଜ ଜିଭ ବାହାର କରି ଦେଖାନ୍ତି ଯେ, ସେମାନଙ୍କ ଜିଭ କଳା ନୁହେଁ ବରଂ ଗୋଲାପି। ଆଉ ସେମାନେ ସେହି ଦୁଷ୍ଟ ରାଜାଙ୍କ ପରି ନୁହନ୍ତି କି ତାଙ୍କର ପୁନର୍ଜନ୍ମ ବି ନୁହନ୍ତି। ପରେ ଧୀରେ ଧୀରେ ଏହା ଅତିଥିଙ୍କୁ ସ୍ୱାଗତ କରିବାର ପ୍ରଥା ପାଲଟିଗଲା। ଏଭଳି ଜିଭ ଦେଖାଇ ସ୍ୱାଗତ କରିବାକୁ ସମ୍ମାନସୂଚକ ବୋଲି ଧରାଯାଏ।

**ପାଉଁରୁଟି ଓ ଲୁଣ ଦେଇ ସ୍ୱାଗତ:** ରୁଷିଆରେ ଅତିଥିଙ୍କୁ ଖୁବ ଆଦର, ସମ୍ମାନ ସହ ସ୍ୱାଗତ କରିବାର ପରମ୍ପରା ବହୁ ପୁରାତନ କାଳରୁ ରହି ଆସିଛି। ଏଠାକାର ପରମ୍ପରା ଅନୁସାରେ ମହିଳାମାନେ ରୁଷିଆର ପାରମ୍ପରିକ ପୋଷାକ ପରିଧାନ କରି ହାତରେ ଏକ ଟାୱେଲ ଉପରେ ବଡ଼ ଗୋଲାକାର ପାଉରୁଟି ଓ ତା' ଉପରେ ଏକ ପାତ୍ରରେ ଲୁଣ ରଖି ଅତିଥିଙ୍କୁ ପ୍ରଦାନ କରି ସ୍ୱାଗତ କରାଯାଏ। ଅତିଥିଙ୍କୁ ସେହି ପାଉଁରୁଟିରୁ କିଛି ଛିଣ୍ଡାଇ ଲୁଣରେ ବୁଡାଇ ଖାଇବାକୁ ହୁଏ। ଯାହା ଦର୍ଶାଏ କି, ଉଭୟଙ୍କ ମଧ୍ୟରେ ବନ୍ଧୁତାର ଶୁଭାରମ୍ଭ ହେଲା। ରୁଷିଆରେ ପାଉଁରୁଟିକୁ ପବିତ୍ର ମନେକରାଯାଏ। ଯାହା ଘରେ ପାଉଁରୁଟି ନାହିଁ ସେଠି ଖାଇବାକୁ କିଛି ନାହିଁ ବୋଲି ଧରାଯାଏ। ତେଣୁ ପାଉଁରୁଟି ଯେମିତି ବି ହେଉ ସମସ୍ତଙ୍କ ଘରେ ଥାଏ। ଲୁଣ ଆତ୍ମାର ପବିତ୍ରତାକୁ ଦର୍ଶାଏ। ଏଠାରେ ଅତିଥିଙ୍କୁ ପାଉଁରୁଟି ଓ ଲୁଣ ଦେଇ ତାଙ୍କର ଧନ ପ୍ରାପ୍ତି ହେଉ ଓ ସବୁ ନକାରାତ୍ମକତା ଦୂର ହେଉ ବୋଲି କାମନା କରାଯାଏ। ପାଉଁରୁଟି ଓ ଲୁଣକୁ ଯେ ଗ୍ରହଣ ନ କରନ୍ତି ତାଙ୍କୁ ଘର ଭିତରକୁ ପ୍ରବେଶ ମନା । ଏମିତି ବି ବିଶ୍ୱାସ କରାଯାଏ, ଯଦି କାହାକୁ ଅପମାନିତ କରିବାର ଅଛି ତେବେ ସେହି ବ୍ୟକ୍ତି ସାମ୍ନାରେ ଲୁଣକୁ ଚଟାଣରେ ବିଛାଇ ପକାଇଦେବେ। ଏଭଳି କଲେ ଏଠାରେ ଝଗଡ଼ା ବି ହୋଇଯାଏ। ରୁଷିଆରେ ଏହି ପରମ୍ପରା ଏବେ ବି ଚାଲିଛି ଓ ଏହା ବେଶ୍ ଲୋକପ୍ରିୟ ମଧ୍ୟ।

**ରେଶମୀ କପଡ଼ା ପ୍ରଦାନ କରାଯାଏ:** ହାଦା, ସିଲ୍କ ଅବା ଲିନେନ୍‌ର ଏକ ଛୋଟ ଲମ୍ବାଳିଆ କପଡ଼ା। ଯାହାକୁ ମଙ୍ଗୋଲିଆରେ ଅତିଥିଙ୍କୁ ସ୍ୱାଗତ କରିବା ସମୟରେ ପ୍ରଦାନ କରାଯାଏ। ସମ୍ମାନସୂଚକ ଉକ୍ତ କପଡ଼ା ଖାସ୍ ଅତିଥିଙ୍କୁ ପ୍ରଦାନ କରାଯାଏ। ଏହା ଧଳା, ହଳଦିଆ, ସୁନେଲି, ହାଲୁକା ନୀଳ ଭଳି ବିଭିନ୍ନ ରଙ୍ଗର ହୋଇଥାଏ। ହାଦା ବ୍ୟତୀତ ଏଠାରେ ଅତିଥିଙ୍କୁ କ୍ଷୀର ଚା', ପ୍ଲେଟ ଭର୍ତ୍ତି ଚିଜ୍, ବ୍ରେଡ୍ ଓ କୁକିଜ୍ ବି ପ୍ରଦାନ କରାଯାଏ।

**ଗରମ ପାଉଁରୁଟି ନାଲି ଚା':** କାଜାଖସ୍ତାନର ମୁସଲମାନମାନେ ଅତିଥ୍ୟଙ୍କୁ ବହୁତ ଗୁରୁତ୍ୱ ଦିଅନ୍ତି। ତେଣୁ ସେଠାରେ ଅତିଥିଙ୍କୁ ବହୁତ ଭଲଭାବେ ଚର୍ଚ୍ଚା କରାଯାଏ। ସେମାନେ ଅତିଥିଙ୍କୁ ପାଉଁରୁଟି ସହ ନାଲି ଚା' ପ୍ରଦାନ କରନ୍ତି। ଏହା ବଦଳରେ ସେମାନେ ମନୋରଞ୍ଜନ ପାଇଁ ଅତିଥିଙ୍କୁ ଗୀତ ଗାଇବାକୁ ଅନୁରୋଧ କରିପାରନ୍ତି।

**ଅତିଥିଙ୍କୁ ଶୁଙ୍ଘିବା ପରମ୍ପରା:** ଗ୍ରୀନଲାଣ୍ଡରେ ଅତିଥିଙ୍କୁ ସ୍ୱାଗତ କରିବାବେଳେ ନାକ ସହ ନାକ ଘଷାଯାଏ ଅବା ନାକକୁ ଚୁମ୍ବନ ଦିଆଯାଏ। ଯାହା 'ଏସ୍କିମୋ କିସ୍' ବା 'କୁନିକ' ନାମରେ ପରିଚିତ। ଏହାବାଦ ଉଭୟେ ପରସ୍ପରର ଗାଲ ଓ କେଶ ଶୁଙ୍ଘନ୍ତି। ସେହିଭଳି ଓସିନିଆର ଦେଶ ତୱାଲୁରେ ବି ଅତିଥିଙ୍କୁ ସ୍ୱାଗତ କରିବାବେଳେ ପାଖକୁ ଯାଇ ସେମାନଙ୍କ ସୁଗନ୍ଧକୁ ଆଘ୍ରାଣ କରାଯାଏ, ଯାହାକୁ 'ସୋଗି' କୁହାଯାଏ।


ଅତିଥି ସତ୍କାରର ଏହିସବୁ ମହାନ ପରମ୍ପରା ଯେମିତି ଆଜିକାର ବଦଳୁଥିବା ସମାଜରେ ମଳିନ ନ ପଡୁ ସେଥିପାଇଁ ସମସ୍ତେ ତତ୍ପର ହେବା ଜରୁରୀ। କାରଣ ଏହା ଯେ କେବଳ ସମ୍ପର୍କକୁ ମଜଭୁତ କରେ ତାହା ନୁହେଁ ବରଂ ସୁସ୍ଥ ସମାଜ ଗଠନ କରେ।

–ଶିବାନୀ ମହାନ୍ତି






# ଅଜବ ରେନ୍‌କୋଟ୍




**ରେନ୍‌କୋଟ୍ କେବଳ ବର୍ଷାରୁ ରକ୍ଷା କରି ନଥାଏ ଏହାର ବିଭିନ୍ନ ଆକର୍ଷଣୀୟ ଡିଜାଇନ୍ ଟ୍ରେଣ୍ଡି ଲୁକ୍ ବି ଦେଇଥାଏ। କିନ୍ତୁ ଏମିତି ବି କିଛି ରେନ୍‌କୋଟ୍ ଅଛି; ଯାହା ଦେଖିବାକୁ ଖୁବ୍ ଅଜବ। ଆଉ ଏହି ଅଜବ ଡିଜାଇନ୍ ହିଁ ସେହି ରେନ୍‌କୋଟ୍‌କୁ ନିଆରା ଲୁକ୍ ଦେଇଥାଏ...**

**✲ ୟୁନିର୍ଭସାଲ୍ ମୋଟର ସାଇକେଲ୍ ରେନ୍‌କୋଟ୍:** ଏହି ରେନ୍‌କୋଟ୍‌ରେ ଏକକାଳୀନ ୩ଟି ସୁବିଧା ଉପଲବ୍ଧ ଥାଏ। ମୋଟର ସାଇକେଲ୍ ଚଲାଉଥିବା ଚାଳକ, ପଛରେ ବସିଥିବା ବ୍ୟକ୍ତି ଏବଂ ତା'ସହିତ ଖୋଦ୍ ମୋଟର ସାଇକେଲ୍‌କୁ ବି ବର୍ଷାରୁ ସୁରକ୍ଷା ଦେଇଥାଏ ଏହି ରେନ୍‌କୋଟ। ହାଇ କ୍ୱାଲିଟି ଅକ୍ସଫୋର୍ଡ ଫାବ୍ରିକ୍ ତଥା ସ୍ୱତନ୍ତ୍ର ୱାଟର୍‌ପ୍ରୁଫ୍ ପିଭିସି କୋଟିଂରେ ତିଆରି ହୋଇଥିବା ଏହି ରେନ୍‌କୋଟ୍‌କୁ କେବଳ ବାଇକ୍ ଚଲେଇଲାବେଳେ ନୁହେଁ, ସାଇକ୍ଲିଂ, ହାଇକିଂ, କ୍ୟାମ୍ପିଂ, ଟ୍ରାଭେଲିଂବେଳେ ବି ବ୍ୟବହାର କରାଯାଇପାରିବ।

**✲ ସ୍କର୍ଟ-ଟପ୍ସ ଷ୍ଟାଇଲ୍ ରେନ୍‌କୋଟ୍:** ଏହି ରେନ୍‌କୋଟ୍ ପିନ୍ଧିଲେ କେହି ବି ଦ୍ୱନ୍ଦ୍ୱରେ ପଡିଯିବେ ଯେ, ଆପଣ ରେନ୍‌କୋଟ୍ ପିନ୍ଧିଛନ୍ତି ନା କୌଣସି ସ୍କର୍ଟ ଟପ୍ସ। ଅବିକଳ ସ୍କର୍ଟ ଓ ଟପ୍ସ ଷ୍ଟାଇଲ୍‌ରେ ଆସୁଥିବା ଏହି ରେନ୍‌କୋଟ୍‌କୁ ପିନ୍ଧିଲେ ବର୍ଷାଦିନେ ବେଶ୍ କମ୍ଫର୍ଟେବଲ୍ ଲାଗେ। ତା'ସହିତ ଏହାର ଲମ୍ବା ଟିକେ ଅଧିକ ରହୁଥିବାରୁ ଓଦା ହେବାର ସମ୍ଭାବନା ବି କମ୍ ରହିଥାଏ।

**✲ ଟ୍ରାନ୍ସପରେଣ୍ଟ ୱାଟରପ୍ରୁଫ୍ ରେନ୍‌କୋଟ୍:** ଏହି ରେନ୍‌କୋଟ୍ ଟ୍ରାନ୍ସପରେଣ୍ଟ ହୋଇଥିବାରୁ ପୋଷାକ ଉପରେ ଏହାକୁ ପିନ୍ଧିଲେ ବି ଅନ୍ୟମାନେ ଆପଣଙ୍କ ପୋଷାକକୁ ସହଜରେ ଦେଖିପାରିବେ। ତେଣୁ ଏହା ଦ୍ୱାରା ଦୁଇଟି ସୁବିଧା ହୁଏ। ପ୍ରଥମତଃ ବର୍ଷାରୁ ରକ୍ଷା ମିଳେ, ଦ୍ୱିତୀୟରେ ଆପଣଙ୍କର ଷ୍ଟାଇଲିଶ୍ ଆଉଟ୍‌ଫିଟ୍‌କୁ ଅନ୍ୟମାନଙ୍କ ଆଗରେ ଶୋ' ଅଫ୍ ବି କରିହୁଏ। ଏହି ରେନ୍‌କୋଟ୍ ଉଭୟ ନି ଲେଙ୍ଗ୍‌ଥ ଆଉ ଲଙ୍ଗ୍ ଲେଙ୍ଗ୍‌ଥରେ ମିଳିଥାଏ।

**✲ ଫ୍ରକ୍ ଷ୍ଟାଇଲ ରେନ୍‌କୋଟ୍:** ଫ୍ରକ୍ ଷ୍ଟାଇଲ୍‌ର ଦେଖାଯାଉଥିବା ଏହି ରେନ୍‌କୋଟ୍ ଯୁବତୀଙ୍କୁ ମଡର୍ନ ଲୁକ୍ ଦେଇଥାଏ। ବର୍ଷାଦିନେ ଫ୍ୟାଶନ୍ ସହ ସାଲିସ୍ କରିବାକୁ ଚାହୁଁ ନ ଥିବା ଷ୍ଟାଇଲିଶ୍ ଯୁବତୀଙ୍କ ପାଇଁ ଏହା ଏକ ଭଲ ଅପ୍ସନ। ଖାସ୍ କରି ନି ଲେଙ୍ଗ୍‌ଥରେ ଆସୁଥିବା ଏହି ରେନ୍‌କୋଟ୍ ନି ଲେଙ୍ଗ୍‌ଥ ଆଉଟ୍‌ଫିଟ୍ ସହ ହିଁ ଭଲ ମାନିଥାଏ। ତା'ଛଡ଼ା ଘେରବାଲା ତଥା ଫ୍ଲୋରାଲ ଡିଜାଇନ୍‌ର ଫ୍ରକ୍ ଷ୍ଟାଇଲ୍ ରେନ୍‌କୋଟ୍ ଅଧିକ ସୁନ୍ଦର ଦେଖାଯାଇଥାଏ।

**✲ ପୋଲ୍‌କା ଡଟ୍ ରେନ୍‌କୋଟ୍:** ଅଲ୍ ଟାଇମ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ପୋଲ୍‌କା ଡଟ୍ ଆଉଟ୍‌ଫିଟ୍। ଏବେ ପୋଲ୍‌କା ଡଟ୍ ରେନ୍‌କୋଟ୍ ବି ମାର୍କେଟରେ ମିଳିଲାଣି, ଯାହା ଷ୍ଟାଇଲିଶ୍ ଲାଗିବା ସହ ବିଭିନ୍ନ ଲେଙ୍ଗ୍‌ଥରେ ବି ଆସୁଛି।

**✲ ଲେସ୍ ରେନ୍‌କୋଟ୍:** ଏହା ବି ଏକ ଷ୍ଟାଇଲିଶ୍ ରେନ୍‌କୋଟ୍। ଏହି ରେନ୍‌କୋଟ୍‌ର ଭିତର ପାର୍ଶ୍ୱରେ ଯେକୌଣସି ଟ୍ରାନ୍ସପରେଣ୍ଟ କଲର୍‌ର ଏକ ୱାଟର୍‌ପ୍ରୁଫ୍ କପଡ଼ା ଥାଏ ଏବଂ ବାହାର ପାର୍ଶ୍ୱରେ ସେହି କଲର୍‌ର ଲେସ୍ କାମ ହୋଇଥିବା କପଡ଼ା ଲାଗିଥାଏ। ଫଳରେ ଏହା ବର୍ଷାରୁ ରକ୍ଷା କରିବା ସହ ଆକର୍ଷଣୀୟ ଲୁକ୍ ଦେଇଥାଏ। ବିଭିନ୍ନ ଲେଙ୍ଗ୍‌ଥ୍‌ରେ ବି ଏହା ମାର୍କେଟରେ ଉପଲବ୍ଧ ହୋଇଥାଏ।

**✲ ୱେଷ୍ଟ ଲେଙ୍ଗ୍‌ଥ ରେନ୍‌କୋଟ୍:** ଅଣ୍ଟା ପର୍ଯ୍ୟନ୍ତ ଲମ୍ବା ରହୁଥିବାରୁ ଏହାକୁ ପିନ୍ଧି ବର୍ଷାରେ ଯିବାବେଳେ ଆପଣଙ୍କ ପୋଷାକ ଅଣ୍ଟା ପର୍ଯ୍ୟନ୍ତ ଓଦା ହେବନାହିଁ, କିନ୍ତୁ ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ଆପଣ ଓଦା ହୋଇଯିବେ। କେବଳ ଷ୍ଟାଇଲିଶ୍ ଲୁକ୍ ପାଇଁ ଏହାକୁ ଯୁବପିଢ଼ି ପସନ୍ଦ କରୁଛନ୍ତି। ଯେଉଁମାନେ ସଟ୍ସ ପିନ୍ଧୁଛନ୍ତି, ସେମାନେ ଚାହିଁଲେ ଏହାକୁ ପିନ୍ଧି ପାରିବେ।






# ମାତୃଭାଷାର ବିକଳ୍ପ ନାହିଁ



ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ପିଲାଟି ଦିନରୁ ସୃଷ୍ଟି ହୋଇଥିଲା ଅନୁରାଗ। ଛାତ୍ରାବସ୍ଥାରେ ବିଭିନ୍ନ ପୁସ୍ତକ ପଠନ ପାଲଟିଯାଇଥିଲା ଏକ ପ୍ରକାର ନିଶା। ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷା ସାହିତ୍ୟରେ ଗବେଷଣା ଏବଂ ଅଧ୍ୟାପନାରେ ହୋଇଥିଲେ ନିମଗ୍ନ। ଏଥିସହ ଓଡ଼ିଆ ଭାଷା ବିଭବର ବିଭିନ୍ନ କ୍ଷେତ୍ରରେ ଚଳାଇଲେ ଲେଖନୀ। ଓଡ଼ିଆ ଭାଷାର ଉତ୍କର୍ଷ ଲୋକଲୋଚନକୁ ଆଣିବା ତଥା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ସ୍ୱୀକୃତି ପଛରେ ରହିଛି ତାଙ୍କର ପ୍ରଚ୍ଛନ୍ନ ଭୂମିକା। ସେହି ବ୍ୟକ୍ତିତ୍ୱ ହେଲେ **ପ୍ରଫେସର ବସନ୍ତ କୁମାର ପଣ୍ଡା।**

ଗଞ୍ଜାମ ଜିଲାର ପାଲୁରଠାରେ ୧୯୫୫ ମସିହାରେ ବସନ୍ତଙ୍କ ଜନ୍ମ। ମାଆ ଲକ୍ଷ୍ମୀ ପଣ୍ଡା ଏବଂ ପିତାଙ୍କ ନାମ ଲୋକନାଥ ପଣ୍ଡା। ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା, ହୁମ୍ମା ସ୍କୁଲରୁ ମାଟ୍ରିକ ପରେ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ସ୍ନାତକ ଡିଗ୍ରୀ ହାସଲ କଲେ ସେ। ମାତ୍ର ସ୍ନାତକୋତ୍ତର ଶିକ୍ଷା କେଉଁଠି କରିବେ ସେଥିନେଇ ଚିନ୍ତାରେ ପଡ଼ିଗଲେ। ଏହି ସମୟରେ ବିଶିଷ୍ଟ କବି ତଥା ସମାଲୋଚକ ଚିନ୍ତାମଣି ବେହେରାଙ୍କ ପ୍ରୋତ୍ସାହନରେ ଶାନ୍ତିନିକେତନସ୍ଥିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ପଢ଼ିବା ଲାଗି ମନସ୍ଥକଲେ। ଏଠାରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ 'ଆଧୁନିକ ଓଡ଼ିଆ କବିତାରେ ପ୍ରକୃତି' ବିଷୟରେ ଗବେଷଣାକରି ପିଏଚ୍.ଡି. ଡିଗ୍ରୀ ହାସଲ କଲେ। ଏହାପରେ ପୁରୀସ୍ଥିତ ସୂରଜମଲ୍ଲ ଶାହା କଲେଜରୁ ଆରମ୍ଭ ହେଲା ଅଧ୍ୟାପନା ଜୀବନ। ୨୦୦୦ ମସିହାରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ(ଏନ୍‌ସିଆର୍‌ଟି)ରେ ପ୍ରାଧ୍ୟାପକ, ୨୦୧୨ରେ ଆସୋସିଏଟ୍ ପ୍ରଫେସର, ୨୦୧୫ରେ ପ୍ରଫେସର ପଦବୀକୁ ଉନ୍ନୀତ ହେବା ସହ ୨୦୧୭ରେ ଏହି ପ୍ରତିଷ୍ଠାନରୁ ଅବସର ଗ୍ରହଣ କରିଛନ୍ତି।

ଭାଷାର ସ୍ୱାତନ୍ତ୍ର୍ୟକୁ ପ୍ରତିପାଦିତ କରିବା ଲାଗି ତାଙ୍କ ମନ ଆନ୍ଦୋଳିତ ହେଉଥିଲା। ତେଣୁ ଛାତ୍ର ଜୀବନରୁ ତାଙ୍କ ଲେଖନୀ ଚଳଚଞ୍ଚଳ ହୋଇଉଠିଛି। ବିଶେଷଭାବରେ ସେ ସମାଲୋଚନା ଓ ପ୍ରବନ୍ଧ ରଚନାରେ ଅଧିକ ମନୋନିବେଶ କରିଛନ୍ତି। ୧୯୭୯ରେ ତାଙ୍କର ପ୍ରଥମ ପ୍ରବନ୍ଧ 'ବ୍ୟଞ୍ଜନା ଓ ପ୍ରତୀକ' ସମାବେଶ ପତ୍ରିକାରେ ପ୍ରକାଶ ପାଇଥିଲା। ୧୯୮୦ରେ ଝଙ୍କାରରେ .ପ୍ରକାଶ ପାଇଥିଲା ପ୍ରବନ୍ଧ ଓଡ଼ିଆ ସାହିତ୍ୟର ଆଦ୍ୟ ଆଲୋଚକ ରଙ୍ଗଲାଲ ବନ୍ଦୋପାଧ୍ୟାୟ। ଏହାପରେ ନିୟମିତ ପ୍ରବନ୍ଧ, ନିବନ୍ଧ ଓ ସମାଲୋଚନା ଲେଖା ଚାଲିଲା।

୧୯୯୫ରେ ତାଙ୍କର ନିବନ୍ଧ ପୁସ୍ତକ 'ନିସର୍ଗ ନିରାଜନା' (ପିଏଚ୍.ଡି. ଥେସିସ୍) ପ୍ରକାଶ ପାଇଥିଲା। ଏହି ବର୍ଷ ଆଉ ଏକ ପୁସ୍ତକ 'କାବ୍ୟ ଜିଜ୍ଞାସା'ପ୍ରକାଶିତ ହେଲା। ୧୯୯୯ରେ ତାଙ୍କ ଲିଖିତ 'ରବୀନ୍ଦ୍ରନାଥ ଟାଗୋର' ନୂଆଦିଲ୍ଲୀସ୍ଥିତ ଏନ୍‌ବିଟି ପକ୍ଷରୁ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କର ବଙ୍ଗଳାନୁବାଦ ରଥ ସପ୍ତକ, ସମ୍ପାଦିତ ପୁସ୍ତକ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ', 'ତରୁଣଙ୍କ ପାଇଁ ବୃଦ୍ଧ', ବଙ୍ଗଳାନୁବାଦ 'ପକ୍ଷୀଏ ଯାର ବ୍ୟାକରଣ', ହିନ୍ଦୀ ପୁସ୍ତକ 'ଉତ୍କଳ ବିବିଧ ପ୍ରସଙ୍ଗ'। ଲଙ୍ଗ୍ ମ୍ୟାନ୍-ସିଆଇଆଇଏଲ୍ ବେସିକ ଇଂଲିଶ ଓଡ଼ିଆ ଡିକ୍‌ସନାରୀ, ଜୀବନ ସ୍ମୃତି (ରବୀନ୍ଦ୍ରନାଥ ଟାଗୋରଙ୍କ ଆତ୍ମଜୀବନୀର ଓଡ଼ିଆ ଅନୁବାଦ), ବାଳ-ରାମାୟଣ (ଓଡ଼ିଆ), ଗୋପବନ୍ଧୁ ଦାସ: ଥଟସ୍ ଅଫ୍ ଏଜୁକେଶନ, ମନସ୍ୱୀ- ଗୋପବନ୍ଧୁ: ଶିକ୍ଷା ଓ ସାହିତ୍ୟ ( କିସ୍ ୟୁନିଭର୍ସିଟି ରିସର୍ଚ୍ଚ ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ), ତୁଳନାତ୍ମକ ସାହିତ୍ୟ: ଦେଶ ଓ ବିଶ୍ୱ ଆଦି ପୁସ୍ତକ ପାଠକୀୟ ଆଦୃତି ଲାଭ କରିଛି। ଏଥିସହ ତାଙ୍କ ରଚିତ ଚାରୋଟି ମନୋଗ୍ରାଫ୍ , ୮୦ଟି ଗବେଷଣା ନିବନ୍ଧ (ପ୍ରସିଦ୍ଧ ଜର୍ନାଲରେ ପ୍ରକାଶିତ), ବିଭିନ୍ନ ପତ୍ରପତ୍ରିକାରେ ୫୦ରୁ ଊର୍ଦ୍ଧ୍ୱ ପ୍ରବନ୍ଧ ପ୍ରକାଶିତ ହେବା ସହ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ସେମିନାରରେ ତାଙ୍କ ପ୍ରସ୍ତୁତ ୫୫ଟି ନିବନ୍ଧ ଉପସ୍ଥାପିତ ହୋଇଛି।

ସାହିତ୍ୟ ସାଧନ ସହ ଗବେଷଣାରେ ବି ତାଙ୍କର ରହିଛି ସ୍ୱାକ୍ଷର। ମହୀଶୂରସ୍ଥିତ ସିଆଇଆଇଏଲ୍ ପକ୍ଷରୁ ମାଇକ୍ରୋସଫ୍ଟ - ସିଆଇଆଇଏଲ୍ ୟୁନିକୋଡ୍ ଇଣ୍ଡିଆନ୍ ଲାଙ୍ଗୁଏଜ୍ ପ୍ରୋଜେକ୍ଟରେ ଓଡ଼ିଆ ଏକ୍ସପର୍ଟ, ଓଡ଼ିଶା ସରକାରଙ୍କ ପକ୍ଷରୁ ଇମ୍ପାକ୍ଟ ଷ୍ଟଡି ଅଫ୍ ଲର୍ନିଂ ଟୁ ରିଡ୍ ଅଣ୍ଡର ଏସ୍ଏସ୍ଏରେ କାର୍ଯ୍ୟ କରିଥିଲେ। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ନିବନ୍ଧ ପ୍ରସ୍ତୁତି ପାଇଁ ଗଠିତ କମିଟିର ଆବାହକଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ପରବର୍ତ୍ତୀ ସମୟରେ ଏହି ନିବନ୍ଧ କ୍ଲାସିକାଲ୍ ଓଡ଼ିଆ ଇନ୍ ହିଷ୍ଟୋରିକାଲ୍ ପରସ୍ପେକ୍ଟିଭ୍ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପୁସ୍ତକ ଆକାରରେ ପ୍ରକାଶ କରାଯାଇଛି। ଏଥିସହ ରାଜ୍ୟ ଏବଂ ଜାତୀୟ ସ୍ତରର ବିଭିନ୍ନ ଉଚ୍ଚସ୍ତରୀୟ ସରକାରୀ ଓ ବେସରକାରୀ କମିଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି। ଜାତୀୟ ନୂତନ ଶିକ୍ଷାନୀତି-୨୦୨୦ର ଭାଷା ଶିକ୍ଷଣ ଓ ମାତୃଭାଷା ପାଇଁ ଗଠିତ ଫୋକସ୍ ଗ୍ରୁପର ମେମ୍ବର ସେକ୍ରେଟାରୀ, ବର୍ତ୍ତମାନ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗଠିତ କୋରାପୁଟର କୁଇ ଓ ଦେଶିୟା ଭାଷା ପାଇଁ ପ୍ରାଥମିକ ପୁସ୍ତକ ପ୍ରସ୍ତୁତି କମିଟିର ଚେୟାରମ୍ୟାନ ଅଛନ୍ତି। ବିଭିନ୍ନ ରାଜ୍ୟ ତଥା ଜାତୀୟସ୍ତରର ସାହିତ୍ୟ ପୁରସ୍କାର ଲାଗି ପରାମର୍ଶଦାତା କମିଟିର ସଦସ୍ୟ ହୋଇଛନ୍ତି। ସର୍ବୋଚ୍ଚ ସାହିତ୍ୟ ପୁରସ୍କାର'ଜ୍ଞାନପୀଠ'ଲାଗି ଗଠିତ ଓଡ଼ିଆ ପରାମର୍ଶଦାତା କମିଟିର ସଦସ୍ୟ ଅଛନ୍ତି।

ବସନ୍ତଙ୍କ ସାଧନାର ସ୍ୱୀକୃତି ସ୍ୱରୂପ ଅଖିଳ ଭାରତୀୟ ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ଭାଷାରେ ପ୍ରବୀଣତା ପାଇଁ ଜାତୀୟ ପୁରସ୍କାର, କଲିକତା ବିଶ୍ୱ ବିଦ୍ୟାଳୟର ୧୫୦ତମ ପ୍ରତିଷ୍ଠା ଦିବସ ଅବସରରେ ' ତୁଳନାତ୍ମକ ଭାରତୀୟ ଭାଷା' ଲାଗି ସମ୍ମାନ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା କ୍ଷେତ୍ରରେ ଅବଦାନ ଲାଗି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମାନ, ଶାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଶ୍ରୀଧର ଦାସ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ, ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସମ୍ମାନ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ୨୦୦ ଜନ୍ମବାର୍ଷିକୀ ଅବସରରେ କୋଲକାତାଠାରେ ଏସିଆଟିକ୍ ସୋସାଇଟି ପକ୍ଷରୁ ସ୍ୱତନ୍ତ୍ର ସମ୍ମାନ, ଗୁଆହାଟୀଠାରେ ଶ୍ରୀମନ୍ତ ଶଙ୍କର ଦେବଙ୍କ ଉତ୍ସବରେ ସ୍ୱତନ୍ତ୍ର ସମ୍ମାନ, ଶାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ର ସ୍ମାରକୀ ପୁରସ୍କାର,ବାଲେଶ୍ୱର ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ପ୍ରବନ୍ଧ ପୁରସ୍କାର ଆଦି ତାଙ୍କୁ ମିଳିଛି।

୧୯୮୯ ମସିହାରେ ତାଙ୍କର ବିବାହ ହୁଏ ଶିକ୍ଷାବିତ୍ ଡ. ମୃଦୁଳା ମିଶ୍ରଙ୍କ ସହ। ଆଗଧାଡ଼ିର ବିଜ୍ଞାନ ଲେଖିକାଭାବେ ସେ ପରିଚିତା। ତେବେ ବିବାହ ପରେ ତାଙ୍କର ସାହିତ୍ୟ ସାଧକ ଜୀବନ ରସାଣିତ ହୋଇଛି ବୋଲି ଇଙ୍ଗିତ କରନ୍ତି ବସନ୍ତ। ଓଡ଼ିଆ ଭାଷାକୁ ଯେପରି ଅଣଦେଖା କରାଯାଉଥିଲା ତାହାକୁ ସେ ମର୍ମେ ମର୍ମେ ଅନୁଭବ କରିଛନ୍ତି। କାରଣ ଶାନ୍ତି ନିକେତନ ଠାରେ ପାଠପଢ଼ା ଓ ଗବେଷଣାରେ ତାଙ୍କର କିଛି ବର୍ଷ ବିତିଛି। ସୂଚନାଯୋଗ୍ୟ, ରାଜେନ୍ଦ୍ରଲାଲ୍ ମିତ୍ର କଟକ ଆସିଥିବାବେଳେ ଏକ କାର୍ଯ୍ୟକ୍ରମରେ ଓଡ଼ିଆ ଲୋକ ବଙ୍ଗଳା ଭାଷା ଶିକ୍ଷା କରିବା ଆବଶ୍ୟକ ବୋଲି କହିଥିଲେ। ପୁଣି କାନ୍ତିଲାଲ୍ ଭଟ୍ଟାଚାର୍ଯ୍ୟ ଲେଖିଥିଲେ ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ। ଏହା ତାଙ୍କୁ ବ୍ୟଥିତ କରୁଥିଲା। ୨୦୧୯ରେ କୋଲକାତା ଠାରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଦ୍ୱିଶତ ଜନ୍ମବାର୍ଷିକୀ ଉପଲକ୍ଷେ ଏସିଆଟିକ୍ ସୋସାଇଟି ପକ୍ଷରୁ ଏକ ଜାତୀୟସ୍ତରୀୟ ସେମିନାର ଅନୁଷ୍ଠିତ ହେଉଥାଏ। ସେଥିରେ ଏକମାତ୍ର ଓଡ଼ିଆ ପ୍ରତିନିଧିଭାବେ ପ୍ରଫେସର ପଣ୍ଡା ଯୋଗଦେଇଥାନ୍ତି। ଓଡ଼ିଆ ଭାଷାର ସଂସ୍କାର କ୍ଷେତ୍ରରେ ବିଦ୍ୟାସାଗରଙ୍କ ଭୂମିକା ସମ୍ପର୍କିତ ଲେଖା ପ୍ରସ୍ତୁତି ପାଇଁ ତାଙ୍କୁ କୁହାଯାଇଥିଲା। ସେହି ସେମିନାରରେ ସେ କହିଥିଲେ, ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କାନ୍ତିଲାଲ୍ ଭଟ୍ଟାଚାର୍ଯ୍ୟଙ୍କ ମତକୁ ନେଇ ବଙ୍ଗଳାର ବିଦ୍ୱାନ୍‌ମାନେ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲେ। ମାତ୍ର ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ହିଁ ଓଡ଼ିଆ ଭାଷାକୁ ସମର୍ଥନ କରିବା ସହ ଉଲ୍ଲେଖ କରିଥିଲେ, ଓଡ଼ିଆ ପ୍ରାଚୀନ ଏବଂ ସମୃଦ୍ଧ ଭାଷା। ତେବେ ଯେଉଁ ସ୍ଥାନ 'ବିଦ୍ୟାସାଗର ହଲ୍'ରେ ସେମିନାର ହେଉଥିଲା ସେହିଠାରେ ହିଁ ପୂର୍ବରୁ ଜନ୍ ବିମ୍‌ସ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ସପକ୍ଷରେ ନିଜର ମତ ରଖିଥିଲେ। ତେଣୁ ଏହା ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି ବୋଲି କୁହନ୍ତି ଏହି ଭାଷା ସାହିତ୍ୟ ସାଧକ। ଚାକିରିରୁ ଅବସର ପରେ କିସ୍ ମାନିତ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ରିସର୍ଚ୍ଚ ଚେୟାରର ପ୍ରଫେସରଭାବେ କାର୍ଯ୍ୟ କରିବା ସହ ୨୦୨୦ ମସିହାରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିବା ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ରର ପ୍ରଥମ ନିର୍ଦ୍ଦେଶକଭାବେ ଏପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଛନ୍ତି। ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ଶାସ୍ତ୍ରୀୟତାକୁ ଲୋକଲୋଚନକୁ ଆଣିବା ଲାଗି ଏଠାରେ ନିରବଚ୍ଛିନ୍ନଭାବେ ପ୍ରୟାସ ଚାଲିଛି ବୋଲି ସେ କୁହନ୍ତି। ବର୍ତ୍ତମାନ ଇଂରାଜୀ ଭାଷା ଶିକ୍ଷା ଲାଗି ଅନେକେ ଆଗ୍ରହୀ ହେଉଛନ୍ତି। ଏ ପ୍ରସଙ୍ଗରେ ପ୍ରଫେସର ପଣ୍ଡା କୁହନ୍ତି- ଅନ୍ୟ ଭାଷା ଶିଖିବାରେ ଆପତ୍ତି ନାହିଁ କିନ୍ତୁ ପ୍ରାଥମିକ ସ୍ତରରେ ମାତୃଭାଷା ଶିକ୍ଷାର ବିକଳ୍ପ ନାହିଁ। ମାତୃଭାଷାରେ ହିଁ ପ୍ରଥମେ ଶିଶୁ ମନରେ ଯେ କୌଣସି ବିଷୟରେ ଧାରଣା ସ୍ପଷ୍ଟ ହୋଇଥାଏ ଏବଂ ପରବର୍ତ୍ତୀ ସମୟରେ ବହୁଭାଷିକତା ଆଡ଼କୁ ଯିବାପାଇଁ ସହଜ ହୁଏ।

**-ବୀରଭଦ୍ର ବିଶ୍ୱାଳ**







# ପ୍ରିୟା ପାଇଁ...

–ଭରତ ଚନ୍ଦ୍ର ଦାଶ

ଅତୀତର ସ୍ମୃତି ବେଳେ ବେଳେ ପ୍ରୀତି
ଆନମନା ହୋଇ ଭାବେ
ମନ କଥା କେବେ ପାରିଲାନି କହି
ପ୍ରଣୟୀକୁ ଦେଖେ ଯେବେ ।

ଦୁଇ

ତୁମେ ମୋ ଅତୀତ ତୁମେ ଭବିଷ୍ୟତ
ସମୁଜ୍ଜ୍ୱଳ ବର୍ତ୍ତମାନ
ଆପଣାର ଭାବି ପ୍ରୀତି ସୌଧ ଗଢେ
ସ୍ମୃତିର ଅକ୍ଷୟ ଗାନ ।

ତିନି

ଅମ୍ଳାନ ବାସରେ ସଜାଇଛ ତନୁ
ପ୍ରଣୟୀ ପରଶ ଆଶେ
ବିରହାନଳରେ ଜଳେ ଅର୍ହନିଶ
ତୁମେ ଥିଲେ ପରବାସେ ।

ଚାରି

ମୋ ଜୀବନ ଗାଥା ପ୍ରୀତିର କବିତା
ଦେହ ଦେଉଳର ଚିତ୍ର
ତୁମେ ରଚିଅଛ ଶବ୍ଦ କୋଣାରକ
ପ୍ରଣୟେ ଭରିଛ ଗାତ୍ର ।

ପାଞ୍ଚ

ମୋ ପ୍ରେୟସୀ ଦିନେ କହିଲା ମୋ କାନେ
ତୁମେ ମୋ ପରାଣ ପ୍ରିୟ
କବିତାର ଛନ୍ଦେ ଶ୍ରୀତନୁର ରୂପ
କେମିତି ରଚୁଛ କୁହ ।

–XXX–

–ମାର୍କୋଣା, ବାଲେଶ୍ୱର
ମୋ: ୯୪୩୭୩୭୨୧୬୬

# ଜୀବନ

–ଡ. ଭବାନୀ ଶଙ୍କର ଦାଶ

କେମିତି ଜୀବନ ଇଏ
ହଜୁଥାଏ, ହେଜୁଥାଏ
ଭଜୁଥାଏ, ଭିଜୁଥାଏ
ଯୁଝୁଥାଏ, ସିଝୁଥାଏ
ସମ୍ପର୍କର କଡ଼େଇରେ ନିତି
ମେଳଣ ଓ ମେଲାଣିର
ଅନ୍ଧାରି ରାସ୍ତାରେ
ବାରମ୍ବାର ଝୁଣ୍ଟିଲେ ବି ପାଦ
ଥାପୁଥା'ନ୍ତି ।

ସେ କେମିତି ବୁଝିବ ଯେ
ତା' ପାଇଁ ମୁଁ ଆଉ ମୁଁ ନୁହେଁ,
ମୋ ପାଇଁ ଏକାକାର
ସଞ୍ଜ ଓ ପାହାନ୍ତି ।

–ସରାଟ ଶାସନ,
ବାଲିପାଟଣା, ଖୋର୍ଦ୍ଧା
ମୋ: ୮୯୧୭୬୨୪୩୮୬







# ଜ୍ଞାନ ଉଦୟ

–ରୋଜାଲିନି ମିଶ୍ର

ଶାଶୁର ପଇସା ଘଡିଟିକୁ ନେଇ ବୋହୂର ସବୁବେଳେ ରାଗରୁଷା ଆଉ ଗଣ୍ଡଗୋଳ । ଶାଶୁ ତା' ପଇସା ଘଡିରେ କାହାକୁ ହାତ ମରେଇ ଦିଏନି କି ଟଙ୍କାଟିଏ ମଧ୍ୟ କାଢି କାହାକୁ ଦିଏନି । ନାତି ନାତୁଣୀମାନେ ଚକୋଲେଟ ଖାଇବାକୁ ପଇସା ମାଗିଲେ ମଧ୍ୟ ଦୂର ଦୂର କହି ଗୋଡାଏ । ଶାଶୁଟି ସାମାନ୍ୟ ମୁଣ୍ଡ ପାଗେଳି ମଧ୍ୟ । ବେଳେବେଳେ ଭଲ କଥା ହୁଏ ଆଉ ବେଳେବେଳେ ରଡ଼ମଡ଼ କରି ଶୋଧି ଦେଇଯାଏ ଯିଏ ତା' ଆଖିରେ ପଡ଼ିଲା । ଶାଶୁର ଏ ଢଙ୍ଗରଙ୍ଗ ଆଦୌ ଯାଏନି ବୋହୂ ଦେହରେ । ସବୁବେଳେ ଗାଳିଗୁଲଜ କରେ ଶାଶୁକୁ । ଭଲରେ ଖାଇବାକୁ ମୁଠେ ବି ଦିଏନି । ଅଧିକାଂଶ ସମୟ ବୁଢ଼ୀ ଯାଇ ଗୋଟେ ମନ୍ଦିର ପାଖରେ ବସେ । ବୁଢ଼ୀର ରୂପଭେକ ଚାଲିଚଳଣ ଦେଖି ଯିବା ଆସିବା ଲୋକେ ଟଙ୍କେ ଦୁଇଟଙ୍କା ପକେଇ ଦେଇ ଚାଲି ଯାଆନ୍ତି । ସନ୍ଧ୍ୟାବେଳକୁ ବୁଢ଼ୀ ମୁଠାଏ ଖୁଚୁରା ପଇସା ଆଣି ତା' ଘଡିରେ ଗଳେଇ ଦିଏ ।

ବର୍ଷାଦିନ । ଲଗାଣ ବର୍ଷା ହୋଇ ଚାଳରୁ ଠପ ଠପ ହୋଇ ପାଣି ଗଳୁଥାଏ ଘର ଭିତରେ । ପୁଅ କହିଲା ବୁଢ଼ୀକୁ , 'ବୋଉ .... ତୋ ଘଡି ଭାଙ୍ଗି କିଛି ପଇସା ଦିଅନ୍ତୁନି । ପଲିଥିନଟାଏ ଆଣନ୍ତେ ଚାଳରେ ପକେଇବାକୁ । ବୁଢ଼ୀ ଖିଙ୍କାରି ଉଠିଲା ... କାଇଁ , ମୋତେ କିଏ ହାତଟେକି ଟଙ୍କାଏ ଦେଇଛ କି ଆଜି ଯାଏ ? ମୁଁ କାହିଁକି ଦେବି ? କାହାକୁ ହାତ ମରେଇ ଦେବିନି ମୋ ପଇସାରେ । ମୋର ଦେହମୁଣ୍ଡ ଖରାପ ହେଲେ ମୁଁ ମୋ ନିଜ ପଇସାରେ ଡାକ୍ତର ପାଖକୁ ଯିବି ।

ବୁଢ଼ୀର କଥା ଶୁଣି ସେପଟେ ବୋହୂ ମୁଣ୍ଡକୁ ପିତ୍ତ ଚରିଗଲା । ରଖିଥା ଲୋ ବୁଢ଼ୀ ପଇସାକୁ .... ଡାକ୍ତର ପାଖକୁ ଯିବୁନି ଯେ ମଶାଣିକୁ ନେଇକି ଯିବୁ ... କହି ଦୁମୁଦୁମୁ ହୋଇ ଚାଲି ଯାଉ ଯାଉ ବୋହୂର ଗୋଡ଼ ଖସିଗଲା ବାରଣ୍ଡାରୁ ତଳକୁ । ମୁଣ୍ଡ ଫାଟିଯାଇ ପ୍ରଚୁର ରକ୍ତସ୍ରାବ ହେଲା । ବାରମ୍ବାର ଚେତା ବୁଡି ଯାଉଥିଲା । ବୋହୂକୁ ଡାକ୍ତରଖାନା ନେଇକି ଯିବା ପାଇଁ ପୁଅ ପଇସା ଅଣ୍ଡାଳି ହେଲା ନିଜ ପକେଟ , ଟିଣବାକ୍ସ ଆଉ କାଠ ଆଲମାରୀ ଭିତରେ । ପୁଅର ଅବସ୍ଥା ବୁଝି ବୁଢ଼ୀ ଠୋ କରି ବାଡେଇ ଦେଲା ନିଜ ଘଡିକୁ । ଆଉ ସବୁ ପଇସା ଧରେଇ ଦେଲା ପୁଅ ହାତରେ । ପ୍ରଚୁର ରକ୍ତସ୍ରାବ ପାଇଁ ପୁଣି ଥରେ ଚେତା ବୁଡି ଯାଉ ଯାଉ ବୋହୂ ଭିତରେ ଜ୍ଞାନର ଉଦୟ ହେଉଥିଲା ।

– ଭିଏସ୍ଏସ୍ ନଗର, ଭୁବନେଶ୍ୱର,
ମୋ: ୮୮୯୫୩୨୬୪୩୪



# ଟାଇଟଲ ଦେଇଥିଲେ କିରଣ୍

ବଲିଉଡ୍‌ରେ ଯେଉଁ କେତୋଟି ସିନେମା ବ୍ଲକ୍ ବଷ୍ଟର ସାବ୍ୟସ୍ତ ହୋଇଛି ତନ୍ମଧ୍ୟରୁ 'ଦିଲ୍‌ୱାଲେ ଦୁଲହନିୟାଁ ଲେ ଯାୟେଙ୍ଗେ' ଅନ୍ୟତମ। ଏହାର ଟାଇଟଲ ଚୟନ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। କିପରି ଗୋଟିଏ ଭଲ ଟାଇଟଲ ଫାଇନାଲ ହେବ ସେ ନେଇ ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରା ଟେନସନ୍‌ରେ ଥାଆନ୍ତି। ଏହି ସମୟରେ ଅନୁପମ ଖେରଙ୍କ ପତ୍ନୀ କିରଣ୍ ଖେର ଏକ ପ୍ରସ୍ତାବ ଦେଇଥିଲେ। ସେ କହିଥିଲେ ଯେ, ଯଦି ଆମେ 'ଦିଲ୍‌ୱାଲେ ଦୁଲହନିୟାଁ ଲେ ଯାୟେଙ୍ଗେ' ରଖିବା କିପରି ହେବ। ପ୍ରଥମେ ଏହାକୁ ଶାହରୁଖ ନାପସନ୍ଦ କରୁଥିଲେ। ହେଲେ ଆଦିତ୍ୟଙ୍କୁ ସତେ ଯେମିତି ଖୋଜିଲା ଚିଜ ମିଳିଯାଇଥିଲା। ସେ ଖୁସିରେ ଉଚ୍ଛୁଳି ପଡି 'ଏହା ହିଁ ପରଫେକ୍ଟ ଟାଇଟଲ ହେବ' ବୋଲି କହିଥିଲେ। ଏହି ଫିଲ୍ମର ଆଉ ଏକ ବିଶେଷତ୍ୱ ରହିଛି। ଏହାର ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା। କିନ୍ତୁ ଅସଲ କଥା ହେଲା ସବୁଠାରୁ ବେଶୀ ଲୋକପ୍ରିୟ 'ମେହେନ୍ଦୀ ଲଗାକେ ରଖନା' ଗୀତଟି ଆଦିତ୍ୟଙ୍କ ଦ୍ୱାରା ନିର୍ଦ୍ଦେଶିତ ହେବାକୁ ଥିବା ଆଉ ଏକ ସିନେମା ପାଇଁ ଲେଖାଯାଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସେହି ଗୀତକୁ ଏହି ଫିଲ୍ମ ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଫିଲ୍ମର କୋରିଓଗ୍ରାଫି ପାଇଁ ପ୍ରଥମେ ସରୋଜ ଖାଁଙ୍କୁ ଚୟନ କରାଯାଇଥିଲା। କିନ୍ତୁ କେତେକ କଥା ନେଇ ଆଦିତ୍ୟଙ୍କ ସହ ମତଭେଦ ହେବାରୁ ତାଙ୍କୁ ଆଉଟ୍ କରାଯାଇ ଫାରହା ଖାଁଙ୍କୁ ନିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କାଷ୍ଟିଂ ସମୟରେ ଫିଲ୍ମର ମୁଖ୍ୟ ରାଜ ମାଲହୋତ୍ରା ଭୂମିକାରେ କିଏ ଅଭିନୟ କରିବ ସେ ନେଇ ସସ୍‌ପେନ୍ସ ରହିଥିଲା। ଆଦିତ୍ୟ ଚାହୁଁଥିଲେ ହଲିଉଡ୍ ଷ୍ଟାର ଟମ୍ କ୍ରୁଜ୍‌ଙ୍କୁ ସାଇନ୍ କରାଇବାକୁ, ହେଲେ ଏଥିରେ ରାଜି ହୋଇ ନ ଥିଲେ ୟଶ ଚୋପ୍ରା। ତା'ପରେ ସୈଫ ଅଲ୍ଲୀ ଖାଁଙ୍କୁ ଯୋଗାଯୋଗ କରାଗଲା। ସେ ମନା କରିବାକୁ ଶାହରୁଖଙ୍କୁ ଚୟନ କରାଯାଇଥିଲା। ଏଥିରେ ସଂଯୋଜିତ ତଥା ଅନ୍ୟତମ ଲୋକପ୍ରିୟ ଗୀତ 'ମେରେ ଖ୍ୱାବୋ ମେଁ ଜୋ ଆୟେ' ପାଇଁ କାଜଲଙ୍କୁ ବେଶ ପରିଶ୍ରମ କରିବାକୁ ପଡିଥିଲା। ଏପରିକି ସେ ଏହାକୁ ବେଶ୍ କିଛିଦିନ ଧରି ଅଭ୍ୟାସ କରିଥିଲେ।



'ଦିଲ୍‌ୱାଲେ ଦୁଲହନିୟାଁ ଲେ ଯାୟେଙ୍ଗେ' ଫିଲ୍ମରେ ଶାହରୁଖ-କାଜଲ।

# କଥା ଭାଇ-ଭାଇର

ଖୁବ୍ ଶୀଘ୍ର ପରଦା ଉପରକୁ ଆସୁଛି ନୂଆ ଓଡ଼ିଆ ସିନେମା 'ଶଙ୍କର : ଦ ଡେ୍ରଷ୍ଟୟର'। ଏହାର କାହାଣୀରେ ଆକ୍ସନ, ରୋମାନ୍ସ ଓ ସସପେନ୍ସ ଭରି ରହିଛି। ଚିତ୍ରଟିର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଦେବା ଏବଂ ଦିବ୍ୟା। ଅନ୍ୟପକ୍ଷରେ ଓଲିଉଡ଼ର ଲୋକପ୍ରିୟ ଷ୍ଟାର ସିଦ୍ଧାନ୍ତ ମହାପାତ୍ର ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। କାହାଣୀ ଅନୁସାରେ ଦେବା ନିଶାକୁ ଜୀବନର ସର୍ବସ୍ୱ ଭାବି ଚାଲୁଥିବା ବେଳେ ଦେଖାହୁଏ ଦିବ୍ୟା ସହିତ। ଦୁହେଁ ଦୁହିଁଙ୍କୁ ଭଲ ପାଇଁ ବସନ୍ତି। ବଦଳିଯାଏ ଦେବାର ଜୀବନ ଶୈଳୀ। ତାପରେ କ'ଣ ଘଟେ ତାହା ସିନେମାରେ ଦେଖିବାକୁ ପାଇବେ। ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ପ୍ରଯୋଜକ ଅରବିନ୍ଦ ସାହୁ। ସିଦ୍ଧାନ୍ତ ମହାପାତ୍ରଙ୍କ ସାନ ଭାଇ ଭୂମିକାରେ ଦେବା ଅଭିନୟ କରିଥିବା ବେଳେ ଦିବ୍ୟା ଜଣେ ସ୍କୁଲ ଶିକ୍ଷୟତ୍ରୀ ରୋଲ୍‌ରେ ଦେଖାଦେବେ। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ. ପାଢ଼ୀ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ଆଶାବାଦୀ ଅଛନ୍ତି ଶିବ୍। ସେ ଏହାପୂର୍ବରୁ 'ବିଶ୍ୱରୂପ' ଏବଂ 'ଗୁରୁଦେବ' ଫିଲ୍ମରେ ଅଭିନୟ କରିସାରିଛନ୍ତି। କୁନା ତ୍ରିପାଠୀ, କେ.କେ, କାଳୀ, ବିଜୁ ବଡ଼ଜେନା, ଦିପ୍ତୀରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୁପୁର ଘୋଷ ଆଦି କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।



'ଶଙ୍କର : ଦ ଡେଷ୍ଟ୍ରୟର' ଫିଲ୍ମର ଏକ ଦୃଶ୍ୟ

# ଡିସେମ୍ବରକୁ ଅପେକ୍ଷା


ଯେଉଁ ସିନେମାର ରିଲିଜକୁ ନେଇ ମୃଣାଳ ଠାକୁର ଟେନସନରେ ଥିଲେ ତାହାର ଅନ୍ତ ଘଟିଛି। 'ନାନୀ ୩୦' ଚଳଚ୍ଚିତ୍ର ଯାହାର ଟାଇଟଲ୍ ପରବର୍ତ୍ତୀ ସମୟରେ ବଦଳାଯାଇ 'ହାଏ ନାନା' ରଖାଯାଇଛି ତାହା ଚଳିତ ବର୍ଷ ଡିସେମ୍ବର ୨୧ରେ ପରଦା ଉପରକୁ ଆସିବ। ଏହାର ପ୍ରଥମ ଟିଜର ରିଲିଜ ହେବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଖାସ୍ କଥା ହେଲା, ଏହି ଫିଲ୍ମରେ ମୃଣାଳଙ୍କୁ ଶାଢ଼ୀ ଗେଟଅପରେ ଦେଖିବାକୁ ମିଳିବ। ଏଭଳି ଗେଟଅପ ଲାଗି ସେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଏହି ଚଳଚ୍ଚିତ୍ରରେ ତାଙ୍କ ଅପୋଜିଟ୍‌ରେ ନାୟକ ସାଜିଛନ୍ତି ଟଲିଉଡ ଷ୍ଟାର ନାନୀ। ଚଳଚ୍ଚିତ୍ରଟିକୁ ନର୍ଦ୍ଦେଶନା ଦେଇଛନ୍ତି ସୌରଭ। ଏହି ଚଳଚ୍ଚିତ୍ରରେ ଇମୋଶନ୍ ସହ ଫ୍ୟାମିଲି ଡ୍ରାମା ଭରପୂର ହୋଇ ରହିଛି। କେବଳ ବଲିଉଡ୍‌ରେ ନୁହେଁ ଦକ୍ଷିଣ ଭାରତୀୟ ଇଣ୍ଡଷ୍ଟ୍ରୀରେ ମଧ୍ୟ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି ମୃଣାଳ। ଗତ ବର୍ଷ ରିଲିଜ ହୋଇଥିବା ତେଲୁଗୁ ଫିଲ୍ମ 'ସୀତା ରାମମ୍' ହିଟ୍ ସାବ୍ୟସ୍ତ ହେବା ପରେ ସେ ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ର ସାଇନ କରିବାରେ ଲାଗି ପଡିଛନ୍ତି। କେବଳ ସେତିକି ନୁହେଁ, ନିକଟରେ ସେ ବିଜୟ ଦେବରକୋଣ୍ଡାଙ୍କ ସହ ଏକ ସିନେମା ସାଇନ୍ କରିଛନ୍ତି।



ମୃଣାଳ

# ଫଟୋଗ୍ରାଫି ନିଶା

ଆଦିତ୍ୟ ରୟ କପୁରଙ୍କର ଗୋଟିଏ ଜିନିଷ ଆଡକୁ ମନ ଢ଼ଳିଛି। ତାହା କ'ଣ ଜାଣନ୍ତି? ତାହା ହେଉଛି ଫଟୋଗ୍ରାଫି। ଯୁଆଡେ ଗଲେ ସେ ସାଙ୍ଗରେ କ୍ୟାମେରା ନେବାକୁ ଭୁଲୁ ନାହାନ୍ତି। ଶୁଟିଂରୁ ଫ୍ରି ହେବା ମାତ୍ରେ ନିକଟସ୍ଥ ମନପସନ୍ଦର ସ୍ଥାନକୁ ଯାଇ ଫଟୋ ଉଠାଉଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ସେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ଏଭଳି ଅଭ୍ୟାସ ବିଷୟରେ ଆଦିତ୍ୟ କହନ୍ତି, 'ଏହି ଅଭ୍ୟାସ ମୋର ଏବେକାର ନୁହେଁ। ଗତ କିଛି ବର୍ଷ ହେବ ମୁଁ ଫଟୋଗ୍ରାଫି ପ୍ରତି ମନ ବଳାଇଛି। ଉଠାଇଥିବା ଫଟୋଗୁଡିକୁ ଆଲବମ୍‌ରେ ରଖୁଛି। ପ୍ରାକୃତିକ ଦୃଶ୍ୟରାଜିର ଏହି ଫଟୋଗୁଡିକୁ ନେଇ ଏକ ଫଟୋ ପ୍ରଦର୍ଶନୀ କରିବାକୁ ଆଶା ରଖିଛି।' ଜଣେ ଭିଡିଓ ଜର୍ଣ୍ଣାଲିଷ୍ଟ ଭାବରେ ପ୍ରଥମେ କ୍ୟାରିୟର ଆରମ୍ଭ କରିଥିଲେ ଆଦିତ୍ୟ। ୨୦୦୯ରେ ରିଲିଜ ହୋଇଥିବା 'ଲଣ୍ଡନ ଡ୍ରିମସ'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ତେବେ ୨୦୧୩ରେ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଥିଲେ। ସେହି ବର୍ଷ ମୁକ୍ତିଲାଭ କରିଥିବା ମ୍ୟୁଜିକାଲ ହିଟ୍ 'ଆସୀକୀ-୨' ତାଙ୍କ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ଆଦିତ୍ୟଙ୍କ ଅଭିନୀତ ଅନ୍ୟ ସିନେମାଗୁଡିକ ହେଉଛି 'ୟେ ଜୱାନୀ ହେ ଦିୱାନୀ', 'ଡିୟର ଜିନ୍ଦେଗୀ', 'ଓକେ ଜାନୁ', 'କଲଙ୍କ', 'ମଲଙ୍ଗ', 'ସଡକ-୨' ଏବଂ 'ଫିତୁର' ଆଦି।



ଆଦିତ୍ୟ

# ମେଡିଟେସନ୍‌ରୁ ଆରମ୍ଭ

ଅଦା ଶର୍ମା ପ୍ରତିଦିନ ସକାଳୁ ଗୋଟିଏ କଥା କରିବାକୁ ଆଦୌ ଭୁଲନ୍ତି ନାହିଁ। ତାହା ହେଉଛି ବିଛଣା ଛାଡି ନିତ୍ୟକର୍ମ ଶେଷ କରିବା ପରେ ଅଳ୍ପ ଲୁଣମିଶ୍ରିତ ପାଣି ପିଇ ସେ ବସି ଯାଆନ୍ତି ମେଡିଟେସନ କରିବାକୁ। ନିଜକୁ କିପରି ଫିଟ୍ ଆଣ୍ଡ ଫାଇନ୍ ରଖିପାରିବେ ସେ ନେଇ ଅଦା ବେଶ୍ ସଚେତନ। ଏ ନେଇ ସେ କହନ୍ତି, 'ପ୍ରତିଦିନ ସକାଳୁ ମୁଁ ଯେମିତି ହେଲେ ମେଡିଟେସନ କରେ। ଏହା ମୋ ପାଇଁ ଉପକାରୀ ସାବ୍ୟସ୍ତ ହୋଇଛି। ତା'ସହ ଖାଦ୍ୟପେୟ ପ୍ରତି ମଧ୍ୟ ସତର୍କ ରହେ।' ଚର୍ଚ୍ଚିତ 'ଦ କେରଳା ଷ୍ଟୋରି' ଫିଲ୍ମରେ ନିଖୁଣ ଅଭିନୟ କରି ସେ ଚର୍ଚ୍ଚାକୁ ଆସିଥିଲେ। ଅଭିନୟ ବ୍ୟତୀତ ସେ ଜଣେ କଥକ ଡ୍ୟାନ୍ସର। କେବଳ ସେତିକି ନୁହେଁ, ମାର୍ଶାଲ ଆର୍ଟରେ ମଧ୍ୟ ସେ ବେଶ୍ ସିଦ୍ଧହସ୍ତ। ଅଦାଙ୍କ ଅଭିନୀତ ଆଗାମୀ ଫିଲ୍ମଟିର ଟାଇଟଲ ହେଉଛି 'ଦ ଗେମ୍ ଅଫ ଗିରଗିଟ୍'। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଶ୍ରେୟସ ତଲପାଡେ।



ଅଦା ଶର୍ମା

**ପ୍ରଥମ ରୋଜଗାର**

# ମୋ ଖୁସି ସମସ୍ତଙ୍କ ସହ ବାଣ୍ଟିଥିଲି



ଅଧ୍ୟାପିକା **ସ୍ମିରା ଦାସ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପଢ଼ିବା ସମୟରେ ମୁଁ କେବେ ଚାକିରି କରିବା କଥା ଭାବି ନ ଥିଲି। ବାବା (ବାପା) ବି କେବେ ଚାକିରି କରିବା ବିଷୟରେ ମତେ ଜୋର୍ ଦେଇ କହି ନ ଥିଲେ। ମୁଁ କେବଳ ଭଲ ପଢୁଥିଲି ବୋଲି ବାବା ଖୁସି ହେଉଥିଲେ ଓ ମତେ ବହୁତ ଭଲ ପାଉଥିଲେ। ବାଣୀବିହାରରୁ ପି.ଜି. ସରିଲା ପରେ ଯେତେବେଳେ ଘରକୁ ଫେରିଲି, ସେତେବେଳେ ବାବାଙ୍କର ଚାକିରିରୁ ଅବସର ନେବା ସମୟ ପାଖେଇ ଆସୁଥିଲା। ମୁଁ ଚାକିରି କରିବା ପାଇଁ ଚିନ୍ତା କଲି। କିନ୍ତୁ ଚାକିରି ପାଇବା ଆଗରୁ ବାହାଘର ହୋଇଗଲା। ସ୍ୱାମୀଙ୍କ ସହିତ ଚାଲିଗଲି ସୁନ୍ଦରଗଡ଼, କାରଣ ସୁନ୍ଦରଗଡ଼ ସରକାରୀ କଲେଜରେ ସ୍ୱାମୀ ଅଧ୍ୟାପକ ଚାକିରି କରୁଥିଲେ। ସେଠାରେ ରହି ଚାକିରି ପାଇଁ ଲାଗିବା ସହଜ ନ ଥିଲା। ପରେ ଝିଅଟେ ହେଲା। ଝିଅର ଯତ୍ନ ନେବାରେ ମୁଁ ବେଶ୍ ଆନନ୍ଦ ପାଉଥିଲି। ଚାକିରି କଥା ଭାବିବାକୁ ମୋ ପାଖରେ ଆଉ ସମୟ ବି ନ ଥିଲା। ଝିଅ ବଡ଼ ହୋଇ ଯେବେ ହାଇସ୍କୁଲରେ ପଢିଲା, ସେବେ ମୁଁ ଚାକିରି କରିବା କଥା ଭାବିଲି। ସେତେବେଳେ ଭଦ୍ରକ ସରକାରୀ କଲେଜରେ ଅତିଥି ଅଧ୍ୟାପକ ସକାଶେ ବିଜ୍ଞାପନ ବାହାରିଥିଲା। ସେଥିରେ ଆବେଦନ କରି ଭଦ୍ରକ କଲେଜରୁ ଅତିଥି ଅଧ୍ୟାପିକା ଭାବରେ ମୁଁ ମୋର ଚାକିରି ଜୀବନ ଆରମ୍ଭ କଲି। ପ୍ରଥମ ମାସର ଦରମା ଥିଲା ୧୫, ୬୦୦ ଟଙ୍କା। ପ୍ରଥମେ ଭାବୁଥିଲି ସବୁ ଟଙ୍କା ବାବାଙ୍କୁ ଦେଇ ଦେବି ବୋଲି। କିନ୍ତୁ ପରେ ମୋ ଖୁସିକୁ କେବଳ ବାବାଙ୍କ ସହିତ ନ ବାଣ୍ଟି ଅନ୍ୟମାନଙ୍କ ସହିତ ବାଣ୍ଟିବା ପାଇଁ ଇଚ୍ଛା କଲି। ତେଣୁ ବାବା ଓ ମା'ଙ୍କୁ ମାତ୍ର ୧୦୦୦ ଟଙ୍କା ଲେଖାଏ ଦେଲି। ବାବା ସେତେବେଳକୁ ଚାକିରିରୁ ଅବସର ନେଇସାରିଥିଲେ। ତାଙ୍କ ଚଳିବା ପାଇଁ ପେନ୍‌ସନ୍ ପଇସା କିଛି କମ୍ ନ ଥିଲା। କିନ୍ତୁ ମୁଁ ଦେଇଥିବା ହଜାରେ ଟଙ୍କାକୁ ଧରି ବାବା ସେଦିନ ଯେତେ ଖୁସି ହୋଇଥିଲେ, ସେହି ମୁହୂର୍ତ୍ତକୁ ମୁଁ ଏଯାଏ ଭୁଲି ନାହିଁ। କଲେଜରେ ପଢ଼ିଲାବେଳେ ମୋ ବଡ଼ ଭଉଣୀ ସବୁବେଳେ କହୁଥିଲା, 'ଆମ ଘରେ ଯିଏ ଚାକିରି କରୁ କି ନ କରୁ, ଜାପୁଟା ଚାକିରି କରିବା ଦରକାର।' ତେଣୁ ସେଦିନ ତା' କଥା ବହୁତ ମନେ ପଡିଲା। ତାକୁ ଫୋନ୍ କରି କହିଲି, 'ଦେଈ, ମୋ ପ୍ରଥମ ଦରମାରୁ ୧୦୦୦ ଟଙ୍କା ତତେ ଦେବି, କିଛି ନ କହି ରଖିବୁ।' ସେ ସଙ୍ଗେସଙ୍ଗେ କହିଲା, 'ତୋ ଚାକିରି ପଇସାରୁ ମତେ ଦେଇଥିବାରୁ ମୁଁ ଖୁସି ତ ହେଲି, କିନ୍ତୁ ତୁ ତୋ ଏମ୍.ଏ. ପାଠକୁ କାମରେ ଲଗେଇ ପାରିଲୁ ବୋଲି ତା'ଠାରୁ ବେଶି ଖୁସି ହେଲି।' ଏହାର ଦୁଇଦିନ ପରେ ମୁଁ, ଝିଅ ଓ ସ୍ୱାମୀ ବସି କଥା ହେଉଥାଉ । ଝିଅ ପଚାରିଲା, 'ମାମା, ମତେ ତ କିଛି ଦେଲନାହିଁ।' ମୁଁ କହିଲି, 'ତୋ ପାପା ମତେ ସୁଯୋଗ ଦେଲେ ସିନା ମୁଁ ତତେ କିଛି ଦେଇପାରିବି। ତୁ କେକ୍ ଭଲପାଉ ବୋଲି ତୋ ପାଇଁ କେକ୍ ଆଣିବି ବୋଲି କହିଥିଲି। ହେଲେ ମୁଁ ଆଣିବା ଆଗରୁ ସେଇ କେକ୍ ତୋ ପାପା କାଲି ନେଇ ଆସିଲେ।' ଝିଅ ହସି ହସି କହିଲା, 'ହଉ ହେଲା, ଏବେ ଭାବିଦେଲି ଯେ କାଲି ତୁମେ ମତେ କେକ୍ ଦେଇଥିଲ।' ତା'ପରେ ମୁଁ ସ୍ୱାମୀଙ୍କୁ ଚାହିଁ ପଚାରିଲି, 'ତୁମେ କିଛି ନେବନି?' ସେ କହିଲେ, 'ଆରେ ହଁ, ତୁମ ଆକାଉଣ୍ଟରେ ଦରମା ଟଙ୍କା ଜମା ହେଲା ପରେ ମୋ ପକେଟ୍‌ରୁ ଟଙ୍କା ନେଇ ଯାକୁ ଦେଉଛ ତାକୁ ଦେଉଛ। ହେଲେ ମତେ ତ କିଛି ଦେଲ ନାହିଁ ।' ମୁଁ କହିଲି, 'ତୁମକୁ ଆଉ ଅଧିକ କ'ଣ ଦେବି। ତୁମ ପାଖରେ ମୋ ଏ.ଟି.ଏମ୍. କାର୍ଡ ପରା ଅଛି; ଯାହାର ପାସ୍‌ୱାର୍ଡ ବି ମତେ ଜଣା ନାହିଁ। ପାସ୍‌ୱାର୍ଡ ତୁମେ ହିଁ ଜାଣିଛ। ତେଣୁ ଭାବିନିଅ ତୁମ ସ୍ତ୍ରୀର ଖୁସି ପାଇଁ ତୁମେ ମୋ ଦ୍ୱାରା ସମସ୍ତଙ୍କୁ କିଛି କିଛି ଉପହାର ଦେଇଛ। ମୋ ଆକାଉଣ୍ଟରେ ୧୫,୬୦୦ ଟଙ୍କା ସେମିତି ରହିଛି।' ମୋ କଥା ଶୁଣି ସ୍ୱାମୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ମୁଁ କିଛି ବୁଝିପାରିଲିନି।' ତାଙ୍କ କଥା ଶୁଣି ମୁଁ କହିଲି, 'ମୁଁ ଆର୍ଟ୍ସ ଲୋକ, ଯେ ଫିଜିକ୍ସ ପ୍ରଫେସରଙ୍କୁ କ'ଣଟା ବୁଝେଇବି? ଯାଉଛି ମୋ କାମ ପଡ଼ିଛି କରିବି।' ଏତିକି କହିଦେଇ ସେ ଜାଗା ଛାଡ଼ିଲି। ଝିଅ ତା' ପାପାଙ୍କୁ ଅନେଇ ମୁରୁକି ମୁରୁକି ହସୁଥିଲା ।

**ସାଥୀ**

# ମନମୋହିନୀ ସୁନାହରିଣୀ, ଚାହାଣୀ କହୁଛି ପ୍ରେମ କାହାଣୀ



**ପ୍ରଶ୍ନ–** ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ସେ ଯେ ମୋତେ ଭଲ ପାଉଛି ତାହା ଜାଣି ପାରୁନାହିଁ। କ'ଣ କରିବି ?

*–ତନ୍ମୟ ରାଉତ, ବଲାଙ୍ଗୀର*

**ଉତ୍ତର:** କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ଏହି ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ୍ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ–** ଜଣେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ବିବେକ ଦାସ, ଖୋର୍ଦ୍ଧା*

**ଉତ୍ତର:** କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! 'ମନମୋହିନୀ ସୁନାହରିଣୀ, ଚାହାଣୀ କହୁଛି ପ୍ରେମ କାହାଣୀ'। ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

**ପ୍ରଶ୍ନ–** ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। କିନ୍ତୁ କହୁନି କାହିଁକି ?

*–ରାଜେଶ କୁମାର, ବରଗଡ*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ କ'ଣ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ–** ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଅମରଜିତ ମହାନ୍ତି, ଢେଙ୍କାନାଳ*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, କିନ୍ତୁ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମୀ ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନ ନାହିଁ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ–** ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। କ'ଣ କରିବି ?

*–ପ୍ରଶାନ୍ତ କୁମାର, କେନ୍ଦ୍ରାପଡା*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପସିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।

# ବର୍ଷାରେ କାକ୍ଟସ୍‌ର ଯତ୍ନ





**ପ୍ରତ୍ୟେକ ଗଛ ପାଇଁ ବର୍ଷାଜଳ ଖୁବ୍ ଉପକାରୀ। ହେଲେ କାକ୍ଟସ୍ ଏମିତି ଏକ ଗଛ ଯାହା ଖୁବ୍ କମ୍ ଜଳ ଆବଶ୍ୟକ କରେ। ତେଣୁ ବର୍ଷାଋତୁରେ କାକ୍ଟସ୍‌ର କେମିତି ଯତ୍ନ ନେବେ ଜାଣନ୍ତୁ ସେ ସମ୍ପର୍କରେ...**

ଯେକୌଣସି ଗଛ ପାଇଁ ବର୍ଷା ପାଣି ଅମୃତ ସଦୃଶ। ଏହା ଗଛକୁ ଦେଇଥାଏ ପୋଷକ ତତ୍ତ୍ୱ। ତେଣୁ ପ୍ରତ୍ୟେକ ଗଛର ଅପେକ୍ଷା ଥାଏ ବର୍ଷାକୁ। ସେଥିପାଇଁ ଇନ୍‌ଡୋର୍ ପ୍ଲାଣ୍ଟକୁ ବି ନେଇ କିଛି ସମୟ ବର୍ଷାରେ ରଖା ଯାଇଥାଏ। ହେଲେ ସବୁ ଗଛ ପାଇଁ ବର୍ଷାଜଳ ଉପକାରୀ ହୋଇ ନ ଥାଏ। ବେଳେବେଳେ ଅତ୍ୟଧିକ ବର୍ଷା କେତେକ ଗଛ ପାଇଁ ଆଣିଥାଏ ସମସ୍ୟା, ଯେମିତିକି ସକୁଲାଣ୍ଟ ଓ କାକ୍ଟସ୍। ବିଶେଷକରି କାକ୍ଟସ୍ ଏମିତି ଏକ ଗଛ ଯିଏକି ଖୁବ୍ କମ୍ ପାଣି ଆବଶ୍ୟକ କରିଥାଏ। ଏହି ଗଛରେ ମାସେ କି ପନ୍ଦର ଦିନକୁ ଥରେ ପାଣି ଦେଲେ ବି କିଛି ଅସୁବିଧା ନ ଥାଏ। ଓଲଟା ଅତ୍ୟଧିକ ପାଣି ଦେଲେ ଏହି ଗଛ ନଷ୍ଟ ହୋଇଯାଏ। ତେଣୁ ବର୍ଷାଦିନେ କାକ୍ଟସ୍‌କୁ ସୁରକ୍ଷିତ ରଖିବାକୁ ହେଲେ କେତୋଟି ଦିଗ ପ୍ରତି ଧ୍ୟାନ ରଖିବା ଜରୁରୀ...



* ପ୍ରଥମେ ଧ୍ୟାନ ଦେବେ କାକ୍ଟସ୍‌ର କୁଣ୍ଡରୁ ପାଣି ଯେମିତି ଭଲ ଭାବରେ ବାହାରି ଯାଉଥିବ। ବେଳେବେଳେ ଏମିତି ହୁଏ ଅତ୍ୟଧିକ ବର୍ଷାରେ କାକ୍ଟସ୍ କୁଣ୍ଡର କଣା ବନ୍ଦ ହୋଇଯାଇଥାଏ। ତେଣୁ କୁଣ୍ଡରେ ଯେମିତି ପାଣି ଆଦୌ ନ ଜମିବ ସେଥିପ୍ରତି ଧ୍ୟାନ ରଖିବେ।
* ଦ୍ୱିତୀୟରେ କାକ୍ଟସ୍ କୁଣ୍ଡରେ ଯେଉଁ ମାଟି ପ୍ରସ୍ତୁତ କରୁଛନ୍ତି, ସେଥିରେ ବାଲି ଭାଗ ଟିକେ ଅଧିକ ଦେବେ। ଆଉ ମାଟି ଖୁବ୍ ହାଲୁକା ହେବା ଦରକାର ଯେମିତି ସହଜରେ ପାଣି ଛାଡିଯିବ।
* ବର୍ଷାଦିନେ କାକ୍ଟସ୍ କୁଣ୍ଡ ଉପରେ ବର୍ଷା ପାଣି ନ ପଡ଼ିବା ପାଇଁ ଉପରେ ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍ ସିଟ୍‌ର ଶେଡ୍ ଦ୍ୱାରା କଭର୍ କରିଦେବେ।
* ବର୍ଷାଦିନେ କାକ୍ଟସ୍‌ର ଗ୍ରାଫ୍ଟିଂ (କାଟିବା) ଓ ରିପୋଟିଂ (କୁଣ୍ଡ ବଦଳାଇବା) କରନ୍ତୁ ନାହିଁ।
* ବର୍ଷାଦିନେ କାକ୍ଟସ୍ ଗଛରେ ବେଶି ଫର୍ଟିଲାଇଜର୍ ବ୍ୟବହାର କରିବା ବି ଠିକ୍ ନୁହେଁ।
* ବର୍ଷାଦିନେ କାକ୍ଟସ୍‌ରେ ଅନେକ ସମୟରେ ମିଲିବଗ୍ ବି ଲାଗିଥାଏ। ସେଥିରୁ ରକ୍ଷା ପାଇବା ଲାଗି ବୋରେକ୍ସ ପାଉଡରକୁ ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଏହାଛଡା କୁଣ୍ଡ ଚାରିପଟେ ଲକ୍ଷ୍ମଣ ରେଖା ବି ଟାଣିପାରିବେ। ଯଦ୍ୱାରା ପିମ୍ପୁଡି ଓ ମିଲିବଗ୍‌ରୁ ଗଛକୁ ସୁରକ୍ଷା ମିଳିବ।

# ସଫଳ ମହିଳା ଉଦ୍ୟୋଗୀ ସୁରଭି



ନିଜସ୍ୱ ପ୍ରଚେଷ୍ଟା ସହ ଦୃଢ ମନୋବଳ ଥିଲେ କୌଣସି କାମ ଅସମ୍ଭବ ହୋଇ ରହେନା ; ଯାହା ପ୍ରମାଣ କରି ଦେଖାଇଛନ୍ତି ନୟାଗଡ ଜିଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖୁଦବେହେରା ପାଟଣା ଗ୍ରାମର **ସୁରଭି ସାହୁ** ; ଯିଏକି ନିଜ ପରିଶ୍ରମ ବଳରେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ସ୍ୱାମୀଙ୍କ ଅକାଳ ବିୟୋଗ ପରେ ଦୁଇ ପିଲାଙ୍କ ଭବିଷ୍ୟତକୁ ଆଖିରେ ରଖି କିଛି କରିବାର ନିଷ୍ପତି ନେଲେ। ଦୁଇଜଣ ତାଲିମପ୍ରାପ୍ତ କାରିଗରଙ୍କୁ ଆଣି ଷ୍ଟିଲ୍ ଆଲମିରା ତିଆରି ଆରମ୍ଭ କଲେ ; ଯାହାର ନାଁ ଦେଲେ 'କାହ୍ନୁ ଷ୍ଟିଲ ଇଣ୍ଡଷ୍ଟ୍ରିଜ୍'। ଲୋକପ୍ରିୟତା ବଢିବା ପରେ ଆହୁରି ୧୦ ଜଣଙ୍କୁ ଆଣି ଆଲମିରା ସହ ଅନ୍ୟାନ୍ୟ ଘରକରଣା ଲୌହ ସାମଗ୍ରୀ ତିଆରି କଲେ। ବିନା ମୂଳଧନରେ ଆରମ୍ଭ କରିଥିବା ତାଙ୍କର ଏହି ବ୍ୟବସାୟ ଏବେ ବେଶ୍ ଭଲ ଚାଲିଛି। କାରିଗରମାନେ ମାସକୁ ୧୫ରୁ ୨୦ ହଜାର ଟଙ୍କା ଉପାର୍ଜନ କରିପାରୁଛନ୍ତି। ପ୍ରଥମେ ସୁରଭିଙ୍କ ସ୍ୱାମୀ ସୁଦର୍ଶନ ସାହୁ ସୁରଭୀଙ୍କ ନାମରେ ଲୋନ ଆଣିବା ସହ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଋଣ ଆଣି ଏହି ବ୍ୟବସାୟ ଆରମ୍ଭ କରିଥିଲେ। ସବୁ ଠିକ୍ ଚାଲିଥିବା ବେଳେ ପରେ ତାଙ୍କର କିଡ୍‌ନୀ ଓ ହୃଦ୍‌ରୋଗ ସମସ୍ୟା ଦେଖା ଦେବାରୁ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତୀ କରାଗଲା ; ଯେଉଁଥିରେ ସୁରଭିଙ୍କର ଗହଣା ବିକ୍ରୀ ହେବା ସହ ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କରଜ ହୋଇଗଲା। ତେବେବି ମାତ୍ର ୪୮ ବର୍ଷ ବୟସରେ ଚିକିତ୍ସିତ ଅବସ୍ଥାରେ ସୁରଭିଙ୍କ ସ୍ୱାମୀଙ୍କର ଅକାଳ ବିୟୋଗ ହେଲା। ଝିଅ ଓ ଛୋଟ ପୁଅର ଭବିଷ୍ୟତ ସହ ବ୍ୟାଙ୍କ ଋଣ, ପୁଣି ଲୋକଙ୍କ ଧାର ଉଧାରର ବୋଝ। ଏଭଳି ସ୍ଥିତିରେ ବି ସୁରଭି ଭାଙ୍ଗି ପଡିଲେନି। ପାଖରେ ବାକିଥିବା କିଛି ଅଳଙ୍କାରକୁ ବ୍ୟାଙ୍କରେ ବନ୍ଧକ ରଖି ୩୦ ହଜାର ଟଙ୍କା, ହାତ ଉଧାରିରେ ୩୦ ହଜାର ଏବଂ କଳାପଥରର ଜନୈକ ବ୍ୟବସାୟୀଙ୍କଠାରୁ ୩୦ ହଜାର ଏପରି ୯୦ ହଜାର ଟଙ୍କା ଯୋଗାଡ଼ କରି ସୁରଭି ୨୦୧୮ ମସିହା ବିଶ୍ୱକର୍ମା ପୂଜା ଅବସରରେ ନିଜର ଦିଅର ଯେକି ଜଣେ ଉତ୍ତମ କାରିଗର, ତାଙ୍କର ସହଯୋଗରେ ଆଉ ୨ ଜଣ କାରିଗରଙ୍କୁ ନେଇ ପୁଣିଥରେ ବ୍ୟବସାୟ ଆରମ୍ଭ କଲେ। ସୁରଭି ଜିନିଷର ଗୁଣବତ୍ତା ଉପରେ ଗୁରୁତ୍ୱ ଦେଉଥିଲେ। ଏହାସହ ତାଙ୍କର ବ୍ୟବହାର ଖୁବ୍ ଭଲ ଥିଲା ; ଯେଉଁଥିପାଇଁ ଜିଲା ତଥା ଜିଲା ବାହାରର ବ୍ୟବସାୟୀମାନେ ଅଗ୍ରୀମ ଟଙ୍କା ଦେଇ ସେ ସବୁକୁ ନେଇ ଯାଉଥିଲେ। ତାସହ ନିୟମିତ ଭାବରେ କଳାପଥର, ପୁରୀ, ବଲାଙ୍ଗୀର ଆଦି ଅଂଚଳର ବିଭିନ୍ନ ପ୍ରତିଷ୍ଠିତ ବ୍ୟବସାୟୀ ସୁରଭିଙ୍କ ପ୍ରତିଷ୍ଠାନରୁ ଆଲମିରା କ୍ରୟ କରି ନେଉଥିବା ସୁରଭି ପ୍ରକାଶ କରିଛନ୍ତି । ଏହାଛଡା ସାଧାରଣ ଲୋକମାନେ ମଧ୍ୟ ଏଠାରୁ ଜିନିଷ କ୍ରୟ କରିଥାନ୍ତି। ଏବେ ସୁରଭିଙ୍କ ବ୍ୟବସାୟ ମାସକୁ ୫ରୁ ୮ଲକ୍ଷ ଟଙ୍କା। ତେବେ ସୁରଭି କୁହନ୍ତି, ସରକାରଙ୍କଠାରୁ ପ୍ରୋତ୍ସାହନ ମିଳିଲେ ସେ ତାଙ୍କ ବ୍ୟବସାୟକୁ ଆହୁରି ଆଗକୁ ବଢାଇପାରିବେ। ତେବେ ସୁରଭି ନିୟମିତ ଋଣ ପରିଶୋଧ କରୁଥିବାରୁ କଂଟିଲୋ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ପ୍ରିୟବ୍ରତ ସ୍ୱାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସୁରଭିଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରୁଛନ୍ତି। ସତ କଥା ହେଲା, ଜିନିଷର ଗୁଣବତା ରହିଲେ ହିଁ ଏହା ଲୋକମାନଙ୍କ ଦ୍ୱାରା ଆଦୃତ ହୋଇପାରିବ। ଏହାଛଡ଼ା ନିଜର ଆତ୍ମବିଶ୍ୱାସ ଓ ଦୃଢ ଇଚ୍ଛାଶକ୍ତି ରହିଲେ ଯେକୌଣସି କାର୍ଯ୍ୟରେ ସଫଳତା ମିଳିପାରିବ ବୋଲି ସୁରଭି କୁହନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରିପାରିଥିବା ସୁରଭି ଅନ୍ୟମାନଙ୍କ ପାଇଁ ନିଶ୍ଚିନ୍ତ ଭାବରେ ପ୍ରେରଣା।

**-ଅଜୟ କୁମାର ମହାରଣା**





ସମ୍ପୂର୍ଣ୍ଣା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଫିଗର

ସ୍ତ୍ରୀ ସ୍ୱାମୀଙ୍କୁ: ବାହାଘର ବେଳେ ମୋ ଫିଗର୍ ପୁରା ପେପ୍‌ସି ବୋତଲ ପରି ଥିଲା।
ସ୍ୱାମୀ: ଏବେ ବି ତ ସେମିତି ଅଛି।
ସ୍ତ୍ରୀ: କାହିଁକି ମିଛ କହୁଛ।
ସ୍ୱାମୀ: ମିଛ କହୁନି। ସେତେବେଳେ ୩୦୦ ମି.ଲି ବୋତଲ ପରି ଥିଲା ଓ ଏବେ ୨ ଲିଟର ବୋତଲ ପରି ଅଛି।

### କିଏ


ଚିଣ୍ଟୁ ଘରେ ଏକୁଟିଆ ଥାଏ। ଏତିକିବେଳେ ଘରର ବେଲ୍ କେହି ଜଣେ ମାରିଲେ।
ଚିଣ୍ଟୁ: କିଏ ?
ବ୍ୟକ୍ତି: ଆରେ ମୁଁ।
ଚିଣ୍ଟୁ: ମୁଁ, କିଏ ?
ବ୍ୟକ୍ତି: ପାଗଳ ହେଇଗଲୁ ନା କ'ଣ ? ତୁ ପରା ଚିଣ୍ଟୁ।

### ଛଅ

ଶିକ୍ଷକ ଗୋଲୁକୁ: ୧ ଠାରୁ ୧୦ ପର୍ଯ୍ୟନ୍ତ କହିଲୁ।
ଗୋଲୁ: ୧,୨, ୩, ୪, ୫, ୭, ୮, ୯, ୧୦।
ଶିକ୍ଷକ: ଛଅ କୁଆଡେ ଗଲା ?
ଗୋଲୁ: ସାର୍ ସେ ମରିଗଲା।
ଶିକ୍ଷକ: କ'ଣ !
ଗୋଲୁ: ହଁ ସାର୍, ଆଜି ସକାଳେ ମୁଁ ନ୍ୟୁଜରେ ଶୁଣିଛି ସ୍ୱାଇନ୍ ଫ୍ଲୁରେ 'ଛଅ କି ମୌତ ହୋଗୟି'।







# ମନସୁନ୍ ଡେଷ୍ଟିନେଶନ


**ରିମ୍‌ଝିମ୍ ବର୍ଷାରେ ଭିଜି ଭିଜି ବୁଲିବାରେ ବି ଥାଏ ଅପୂର୍ବ ଆନନ୍ଦ। ସେଥିପାଇଁ କେତେକ ପର୍ଯ୍ୟଟକ ବର୍ଷାଦିନେ ମଧ ପ୍ଲାନିଂ କରିଥାନ୍ତି କୁଆଡ଼େ ଟିକେ ବୁଲି ଯିବାକୁ। ତେଣୁ ଏଠାରେ ସେମିତି କେତୋଟି ମନସୁନ୍ ଡେଷ୍ଟିନେଶନ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯେଉଁଠାକୁ ଗଲେ ବର୍ଷାର ଅପୂର୍ବ ଶୋଭା ଉପଭୋଗ କରିବାର ସୁଯୋଗ ମିଳିଥାଏ...**

**✲ଚେରାପୁଞ୍ଜି:** ପ୍ରାକୃତିକ ବୈଭବରେ ଭରା ଚେରାପୁଞ୍ଜି ହେଉଛି ଏମିତି ଏକ ସ୍ଥାନ, ଯେଉଁଠାରେ ଅଧିକ ମାତ୍ରାରେ ବର୍ଷା ହେଉଥିବାର ରେକର୍ଡ ରହିଛି। ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ସ୍ଥାନ ହେଉଛି ଚେରାପୁଞ୍ଜି। ଏହା ସ୍ଥାନୀୟ ଅଞ୍ଚଳରେ ସୋହରା ନାମରେ ମଧ ପରିଚିତ। ଅଧିକ ମାତ୍ରାରେ ବର୍ଷା ହେଉଥିବାରୁ ଏହି ସ୍ଥାନକୁ ଅନେକେ ପୃଥିବୀର ଏକ ଆଦ୍ରତାପୂର୍ଣ୍ଣ ସ୍ଥାନ ଭାବେ ଗଣନା କରିଥାନ୍ତି। ତେବେ ଏଠାରେ କେବଳ ଅଧିକ ମାତ୍ରାରେ ବର୍ଷା ହୁଏ ତାହା ନୁହେଁ, ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏଠି ରହିଛି ଅନେକ ସୁନ୍ଦର ସୁନ୍ଦର ପର୍ଯ୍ୟଟନସ୍ଥଳୀ। ଯେମିତିକି: ପାହାଡି ଇଲାକା, ନୋହକାଲିକାଇ ଝରଣା, ସେଭେନ୍ ସିଷ୍ଟର୍ସ ଫଲ୍ସ ତଥା ଏକାଧିକ ଗୁମ୍ଫାର ସମ୍ଭାର ଇତ୍ୟାଦି। ଖାସ୍ ବର୍ଷାକୁ ଉପଭୋଗ କରିବା ପାଇଁ ବର୍ଷାଦିନେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ।

**✲ ମୌସିନ୍‌ରାମ:** ବର୍ଷାରେ ଭିଜିବାକୁ ଭଲ ପାଉଥିବା ପର୍ଯ୍ୟଟକଙ୍କ ପାଇଁ ମୌସିନ୍‌ରାମ ବି ଏକ ସ୍ୱର୍ଗୀୟ ସ୍ଥାନ ସଦୃଶ। କାରଣ ଚେରାପୁଞ୍ଜି ପରି ଏହା ମଧ ହେଉଛି ଭାରତର ଏମିତି ଏକ ସ୍ଥାନ, ଯେଉଁଠାରେ ବି ଅଧିକ ମାତ୍ରାରେ ବର୍ଷା ହୋଇଥାଏ। ସେଇଥିପାଇଁ ଏହାକୁ ବି ଭାରତର ତଥା ବିଶ୍ୱର ଅନ୍ୟତମ ଆଦ୍ରତାପୂର୍ଣ୍ଣ ସ୍ଥାନ ଭାବେ ବିବେଚନା କରାଯାଇଥାଏ। ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲାର ଅନ୍ୟ ଏକ ସ୍ଥାନ ହେଉଛି ମୌସିନ୍‌ରାମ ; ଯେଉଁଠାରେ ବର୍ଷର ଅଧିକାଂଶ ସମୟ ଆକାଶ ମେଘାଚ୍ଛନ୍ନ ରହିଥାଏ। ଯେହେତୁ ଏଠାରେ ସବୁବେଳେ ପାଗ ଆଦ୍ର ରହିଥାଏ, ତେଣୁ ଘର ବାହାରେ କାମ କରୁଥିବା ଶ୍ରମିକମାନେ ଅଚାନକ୍ ବର୍ଷାରୁ ରକ୍ଷା ପାଇବା ପାଇଁ ନିଜ ମୁଣ୍ଡ ଏବଂ ପିଠି ଉପରେ କଦଳୀପତ୍ର ଓ ବାଉଁଶରୁ ତିଆରି ଏକ ସ୍ୱତନ୍ତ୍ର ପକ୍ଷିଆକୁ ଘୋଡାଇ କାମ କରୁଥିବାର ଦେଖିବାକୁ ମିଳେ। ତା'ଛଡ଼ା ଏଠାରେ ଅନେକ ଝରଣା ଓ ଗୁମ୍ଫା ବି ରହିଛି। ମୌଜିମ୍‌ବୁଇଁ ହେଉଛି ଏଠାକାର ଏମିତି ଏକ ଗୁମ୍ଫା, ଯାହାର ଚଟାଣରୁ ବର୍ଛା ପରି ଉଠିଥିବା କ୍ୟାଲ୍‌ସିୟମ୍ କାର୍ବୋନେଟ୍‌ର କେତୋଟି ଖଣ୍ଡ ଦେଖିବାକୁ ମିଳିଥାଏ ; ଯାହା ଦେଖିବାକୁ ବେଶ୍ ଅଜବ ଲାଗିଥାଏ।







**✲ ଅମ୍ବୋଲି:** ମହାରାଷ୍ଟ୍ରର ଏହା ହେଉଛି ଏକ ଶୈଳନିବାସ। ବର୍ଷସାରା ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ଖୁବ୍ ଅନୁକୂଳ ରହିଥାଏ, ଯଦ୍ୱାରା ବର୍ଷକଯାକ ଏଠାରେ ପର୍ଯ୍ୟଟକଙ୍କର ଭିଡ ପରିଲକ୍ଷିତ ହୁଏ। ବର୍ଷା ଟିକେ ଏଠାରେ ଅଧିକ ହେଉଥିବାରୁ ଏଠାକାର ବର୍ଷାକାଳୀନ ଦୃଶ୍ୟ ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗେ। ବର୍ଷାଦିନେ ଏଠାରେ ଭିଜି ଭିଜି ସ୍ଥାନୀୟ ଅମ୍ବୋଲି ଜଳପ୍ରପାତ, ମହାଦେବଗଡ଼, ହିରଣ୍ୟକେଶୀ ମନ୍ଦିର, ସନ୍‌ସେଟ୍ ପଏଣ୍ଟ, ନାନଗରତା ଜଳପ୍ରପାତ ଇତ୍ୟାଦି ସ୍ଥାନ ବୁଲି ଦେଖିବାର ମଜା ହିଁ କିଛି ନିଆରା ଲାଗେ।

**✲ କର୍ଜତ :** ମହାରାଷ୍ଟ୍ରର ଅନ୍ୟ ଏକ ଆକର୍ଷଣୀୟ ମନ୍‌ସୁନ୍ ଡେଷ୍ଟିନେଶନ ହେଉଛି କର୍ଜତ। ସବୁଜ ସୁନ୍ଦର ପରିବେଶ, ନଦୀ, ଝରଣା ପାଇଁ ଏହାର ରହିଛି ବେଶ୍ ଲୋକପ୍ରିୟତା। ରିମ୍‌ଝିମ୍ ବର୍ଷା ସାଙ୍ଗକୁ ଏଠାକାର ପାହାଡ଼, ପର୍ବତ, ଗୁମ୍ଫା ବି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଏହାଛଡ଼ା ଏହାର ନିକଟତମ ଅଞ୍ଚଳରେ ଅନେକ ଆଧ୍ୟାତ୍ମିକ ତଥା ଐତିହାସିକ ପର୍ଯ୍ୟଟନସ୍ଥଳୀ ବି ଦେଖିବାକୁ ମିଳିଥାଏ ; ତନ୍ମଧ୍ୟରୁ କୋଥଲିଗଡ଼ ଦୁର୍ଗ, ଉଲ୍ଲାସ ଉପତ୍ୟକା, କୋଣ୍ଡାନା ଗୁମ୍ଫା, କୋଣ୍ଡେଶ୍ୱର ମନ୍ଦିର, ବାହିରି ଗୁମ୍ଫା ଇତ୍ୟାଦି ଅନ୍ୟତମ।

କେବଳ ଏହି ସବୁ ସ୍ଥାନ ନୁହେଁ, ଭାରତରେ ଆହୁରି ଏମିତି ଅନେକ ସ୍ଥାନ ରହିଛି ଯେଉଁଠାକୁ ବର୍ଷାଦିନେ ବୁଲି ଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଯାଇଥାଏ।









# ଭିଜା ମାଟିର ବାସ୍ନା



**ଯେବେ ଶୁଷ୍କ ଧରାବକ୍ଷ ଉପରେ ପହିଲି ବର୍ଷାର ଛିଟା ପଡ଼େ ଏକ ହାଲ୍‌କା ମନମୋହକ ସୁଗନ୍ଧ ପରିବେଶକୁ ମହକାଇ ଦିଏ। ଆଉ ସେଇ ମହକ ଅନେକଙ୍କୁ ଅନ୍ୟମନସ୍କ କରିଥାଏ କିଛିକ୍ଷଣ ପାଇଁ। ତେବେ ଜାଣନ୍ତି କି କାହିଁକି ପହିଲି ବର୍ଷା ପରେ ଭୂମିରୁ ଆସେ ଏହି ମହକ। ଜାଣନ୍ତୁ ସେ ସମ୍ପର୍କରେ...**

ପ୍ରକୃତରେ କହିବାକୁ ଗଲେ ବର୍ଷା ଜଳର କୌଣସି ବାସ୍ନା ନ ଥାଏ। ହେଲେ ଏହା ଯେବେ ଶୁଷ୍କ ଭୂମିକୁ ସ୍ପର୍ଶ କରେ ଓ ଧୂଳିକଣା ସଂସ୍ପର୍ଶରେ ଆସେ ସେତେବେଳେ ଏକ ହାଲ୍‌କା ସୁଗନ୍ଧ ବାହାରିଥାଏ। ଏହି ମହକକୁ 'ପେଟ୍ରିକୋର' ବୋଲି କୁହାଯାଏ। ଏହା ଗ୍ରୀକ ଶବ୍ଦ ପେଟ୍ରାରୁ ଉଦ୍ଧୃତ। ୧୯୬୪ରେ ଅଷ୍ଟ୍ରେଲିଆର ଦୁଇଜଣ ବୈଜ୍ଞାନିକ ପାଣିପାଗ ଉପରେ ଅଧ୍ୟୟନ କରି ମାଟିର ଏହି ସୁଗନ୍ଧ ପାଇଁ ଉକ୍ତ ଶବ୍ଦର ପ୍ରୟୋଗ କରିଥିଲେ। ଏହାବାଦ କ୍ୟାମ୍ବ୍ରିଜ୍‌ରେ ମାସାଚୁସେଟ୍‌ସ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଫେସର କୁଲେନ୍ ବୁଇ କୁହନ୍ତି, 'ଖରାଦିନେ କିଛି ଗଛ ସୁଖିଯାଏ ଓ ତା' ମଧ୍ୟସ୍ଥ ତୈଳୀୟ ପଦାର୍ଥ ନିର୍ଗତ ହୋଇ ବାୟୁରେ ମିଶିଯାଏ। ଯେବେ ବର୍ଷା ହୁଏ ବର୍ଷାର ବୁନ୍ଦା ସେହି ତୈଳୀୟ ପଦାର୍ଥ ସହ ମିଶେ ଓ ତାହା ସାରା ଭୂମିରେ ମିଶିଯାଏ। ଆଉ ହାଲ୍‌କା ସୁଗନ୍ଧ ଜାତ ହୁଏ। ସେହିଭଳି ଜିଓସ୍ମିନ ନାମକ ମାଇକ୍ରୋବ୍ ମାଟିରେ ଥିବା ଆକ୍ଟିନୋମାଇସେଟ୍‌ସ ବ୍ୟାକ୍ଟେରିଆ ସହ ମିଶିଲେ ବି ଏଭଳି ସୁଗନ୍ଧ ହୁଏ। ଏହାବାଦ ଓଜୋନ ସ୍ତରର କ୍ଲୋରିନ ଗ୍ୟାସ ପରି ବାସ୍ନା ଥାଏ। ବାୟୁମଣ୍ଡଳରେ ଥିବା କିଛି ପରିମାଣର ଓଜୋନ ଗ୍ୟାସ ଯେବେ ବର୍ଷାଜଳ ସହ ମିଶେ ଏଭଳି ସୁଗନ୍ଧ ସୃଷ୍ଟି ହୋଇଥାଏ। କିଛି ବୈଜ୍ଞାନିକ ଏହା ମଧ୍ୟ କହନ୍ତି ଯେ, ଯେବେ ବର୍ଷା ଜଳ ଭୂମିର ଛିଦ୍ରଯୁକ୍ତ ପୃଷ୍ଠଭାଗ ଉପରେ ପଡ଼େ ତାହା ପବନର ଛୋଟ ଛୋଟ ଫୋଟକାରେ ପରିଣତ ହୋଇ ଉପରକୁ ଉଠେ, ଯାହାକୁ ଏରୋସୋଲ କୁହାଯାଏ। ଏହି ଏରୋସୋଲ ମଧ୍ୟ ମହକ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ।





# ମାଉଣ୍ଟେନ ଡ୍ୟୁ ଜିଲାପି



ଚିନି ଶିରାରେ ଭରା ଗୋଲ ଗୋଲ ଡେଢା ମେଢା ନାରଙ୍ଗୀ ରଙ୍ଗର ଜିଲାପି ଅନେକଙ୍କର ପ୍ରିୟ। ଦୂରରୁ ଦେଖି ଦେଲେ ବି ଜିଲାପି ପ୍ରିୟ ଲୋକଙ୍କ ପାଟିରୁ ଲାଳ ଗଡିଯାଏ। ତେବେ କେବେ ସବୁଜ ରଙ୍ଗର ଜିଲାପି ଦେଖିଛନ୍ତି ? ଭାବୁଥିବେ ଜିଲାପି ତ ସବୁବେଳେ ନାରଙ୍ଗୀ ରଙ୍ଗର। ସବୁଜ ରଙ୍ଗର ଜିଲାପି ପୁଣି କୋଉଠୁ ଆସିଲା ? ଇନଷ୍ଟାଗ୍ରାମ ଫୁଡ୍ ବ୍ଲଗର୍ ଅମର ସିରୋହୀ ଏଭଳି ଜିଲାପିର ଫଟୋ ନିଜ ଆକାଉଣ୍ଟରେ ଶେୟାର କରିଛନ୍ତି। ଯାହାର ନାମ 'ମାଉଣ୍ଟେନ ଡ୍ୟୁ' ଜିଲାପି ଲେଖିଛନ୍ତି। ତେବେ ଏହାକୁ ସବୁଜ ଫୁଡ କଲର୍ ଦେଇ ତିଆରି କରାଯାଇ ନାହିଁ। ବରଂ ଏହା ଅବାରେକାଇ ତଥା ଜଲକୁମ୍ଭୀ ବା ସିମ୍ବରୁ ତିଆରି। ଆଉ ଏହା ବେଙ୍ଗାଲୁରୁରେ ମିଳିଥାଏ। ଏହାକୁ ତିଆରି କରିବା ଲାଗି ମଇଦାରେ ସିମ୍ବ ପେଷ୍ଟ ମିଶାଯାଏ। ତାକୁ ୪-୫ ଘଣ୍ଟା ରଖାଯାଏ। ପରେ ସେଥିରେ ଜିଲାପି ପ୍ରସ୍ତୁତ କରି ଚିନି ଶିରାରେ ପକାଯାଏ। ଏହା ଦେଖିବାକୁ ବହୁତ ସୁନ୍ଦର। ତେଣୁ ଏହାକୁ ଯେ କେହି ବି ଖାଇବାକୁ ଚାହିଁବେ।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ସତ୍ୟର ଦର୍ପଣକୁ ରଖ ନିଜ ଆଡ଼କୁ

ଗୁରୁକୁଳରେ ପଠନରତ ଅନେକ ବ୍ରହ୍ମଚାରୀଙ୍କ ମଧ୍ୟରୁ ଜଣେ ବ୍ରହ୍ମଚାରୀଙ୍କ ସେବା ଓ ଭକ୍ତିରେ ଗୁରୁଦେବ ବହୁତ ପ୍ରସନ୍ନ ଥିଲେ । ଦିନ ଆସିଲା ଯେତେବେଳେ ବିଦ୍ୟା ଶିକ୍ଷା ଶେଷ ହୋଇଗଲା, ସେତେବେଳେ ସବୁ ବ୍ରହ୍ମଚାରୀ ନିଜ ନିଜ ଗୃହକୁ ଯିବା ପାଇଁ ପେଡି ପୁଟୁଳି ବାନ୍ଧିଲେ । ବିଦାୟ ଲଗ୍ନରେ ଗୁରୁଦେବ ଉକ୍ତ ସେବାକାରୀ ବ୍ରହ୍ମଚାରୀଙ୍କୁ ଗୋଟିଏ ଦର୍ପଣ ପ୍ରଦାନ କରି କହିଲେ – ଏ ଦର୍ପଣ ଦ୍ୱାରା ଗୋଟିଏ ବ୍ୟକ୍ତିର କେବଳ ଖରାପ ଗୁଣ ପ୍ରତିବିମ୍ବିତ ହୁଏ । ଏହାକୁ ପାଖରେ ରଖିଥିବ । ତୁମ ଜୀବନକୁ ଠିକ୍ ବାଟରେ ନେବା ପାଇଁ ଏ ଦର୍ପଣଟି ବହୁତ କାମରେ ଲାଗିବ ।

ଶିଷ୍ୟଟି ସେ ଦର୍ପଣ ପାଇ ବହୁତ ଖୁସି ହୋଇଗଲା । ଯାହା ମୁଣ୍ଡରେ ହାତ ରଖିବ ସେ ଧ୍ୱଂସ ହୋଇଯିବ ବୋଲି ମହାଦେବଙ୍କଠାରୁ ବରପ୍ରାପ୍ତ ହେବା ପରେ ଭସ୍ମାସୁର ଯେମିତି ପ୍ରଥମେ ବରଦାତା ମହାଦେବଙ୍କ ମୁଣ୍ଡ ଉପରେ ହାତ ରଖିବା ପାଇଁ ଗୋଡ଼ାଇଲା, ଠିକ୍ ସେମିତି ଏ ଶିଷ୍ୟ ଜଣକ ପ୍ରାପ୍ତ ଦର୍ପଣକୁ ପ୍ରଥମେ ଗୁରୁଙ୍କ ଆଡ଼କୁ ଦେଖାଇଲା । ଦର୍ପଣରେ ଗୁରୁଙ୍କ ଭିତରେ ଥିବା କ୍ରୋଧ, ମୋହ, ଲୋଭ ଆଦି କିଛି ଦୁର୍ଗୁଣ ପ୍ରତିବିମ୍ବିତ ହେଲା । ଶିଷ୍ୟଟି ଏହା ଜାଣିବାରୁ ମନରେ ଗୁରୁଙ୍କ ପ୍ରତି ପୂର୍ବ ପରି ଭାବ ଭକ୍ତି ଆଉ ରହିଲା ନାହିଁ ।

ତା'ପରେ ସେ ନିଜ ବାପା, ମାଙ୍କୁ ବି ଦର୍ପଣ ଦେଖାଇ ସେମାନଙ୍କ ଦୁର୍ଗୁଣଗୁଡ଼ିକୁ ଜାଣିଲା । ନିଜ ଚିହ୍ନା ପରିଚିତ ସବୁ ସାଙ୍ଗ ସାଥୀ, ସାହି ପଡ଼ିଶା ଆଦି ସମସ୍ତଙ୍କ ପାଖକୁ ଯାଇ ଉକ୍ତ ଦର୍ପଣକୁ ଦେଖାଇ ସେମାନଙ୍କ ଭିତରେ କି କି ବଦଗୁଣ ଅଛି, ସେଗୁଡ଼ିକୁ ଜାଣିବା ପାଇଁ ଚେଷ୍ଟା କଲା । ଫଳତଃ ଧୀରେ ଧୀରେ ତା' ମନରେ ଥିବା ସମସ୍ତଙ୍କ ପାଇଁ ଭଲ ପାଇବା, ସ୍ନେହ ପ୍ରେମ ଆଦି ଗୁଣଗୁଡ଼ିକ କମି କମି ଗଲା । ମନରେ ସବୁବେଳେ ଅଶାନ୍ତି ଲାଗିରହିଲା ।

ଦର୍ପଣକୁ ଗୁରୁଦେବଙ୍କୁ ଫେରାଇ ଦେବ ବୋଲି ନିଷ୍ପତ୍ତି ନେଇ ସେ ଶେଷରେ ଗୁରୁଦେବଙ୍କ ନିକଟରେ ପହଞ୍ଚି ସବୁକଥା କହିଲା । ଗୁରୁଦେବ କହିଲେ – ଏ ଦର୍ପଣଟିକୁ ତୁମକୁ ଦିଆଯାଇଥିଲା ଅନ୍ୟମାନଙ୍କର ନୁହେଁ, ତୁମ ନିଜର ଦୋଷ ତ୍ରୁଟି ଦେଖି ତାହାକୁ ସୁଧାରିବା ପାଇଁ । ଭଲ ମଣିଷଟିଏ ହେବାକୁ ହେଲେ ପ୍ରଥମେ ନିଜ ତ୍ରୁଟି ତଥା ନିଜ ଦୋଷ ଦୁର୍ବଳତାକୁ ପ୍ରଥମେ ସଂଶୋଧନ କରିବାକୁ ପଡ଼େ । ତୁମେ ଏ ଦର୍ପଣ ଦ୍ୱାରା ପ୍ରଥମେ ନିଜ ଦୋଷକୁ ଖୋଜିବାର ଥିଲା । ତୁମେ ପ୍ରଥମେ ନିଜ ଆଡ଼କୁ ନ ଦେଖାଇ ଅନ୍ୟ ଆଡ଼କୁ ଦର୍ପଣ ଦେଖାଇବାର ଦୁର୍ବୁଦ୍ଧି କାହିଁକି କଲ ବତ୍ସ ! ଶିଷ୍ୟଟି ତଳକୁ ମୁହଁ ପୋତି ନିରୁତ୍ତର ରହିଲା । ନିଜ ଭୁଲ୍ ବୁଝି ବହୁ ମନସ୍ତାପ କରି ସେବେଠୁଁ କେବଳ ନିଜ ଦୋଷକୁ ଖୋଜିବାରେ ହିଁ ଲାଗିଲା ।।

ପାଠକେ ! ଉପରୋକ୍ତ ଶିଷ୍ୟ ପରି ଆମ ସମସ୍ତଙ୍କର ବି ଭଣା ଅଧିକେ ଏଇ ଗୁଣଟି ଅଛି – ଅନ୍ୟର ଦୋଷକୁ ଆଗେ ଦେଖିବା । କିନ୍ତୁ ମଣିଷ ନିଜ ଦୋଷ ତ୍ରୁଟି ଅପେକ୍ଷା ଅନ୍ୟର ତ୍ରୁଟିକୁ ଖୋଜିବା ପାଇଁ ଯେତିକି ଆଗଭର ହୁଏ ତା'ର ଉନ୍ନତିର ପଥ ଅବରୁଦ୍ଧର ସେତିକି ଗଭୀରକୁ ଚାଲିଯାଏ । ଏହାକୁ ମଣିଷ ଠିକ୍ ଭାବେ ନ ବୁଝି ଅନ୍ୟର ଭୁଲ୍ ଭଟକା ବାହାର କରିବାକୁ ଖାଲି ହମ ହମ ହେଉଥାଏ । ଠାକୁର କେଶ ପରମହଂସ ଭଲ ବାଣୀଟିଏ ପ୍ରଦାନ କରି କହିଛନ୍ତି – ସଦାଚାରକୁ ଅଣଦେଖା କରି ଲୋକଦେଖାଣିଆ



ଠାକୁର ଭକ୍ତି, ଧର୍ମ ପ୍ରୀତି, ଶାସ୍ତ୍ର ଅନୁରାଗ ଓ ଗୁରୁସେବା କଲେ କଦାପି ପ୍ରଭୁକୃପା ମିଳେନାହିଁ ।

ଏ ସଦାଚାର ଆଉ କ'ଣ କି ? ଲୋକଙ୍କୁ ଆଜ୍ଞା, ଆପଣ କହି ମାନ୍ୟତା ଦେବା ସଦାଚାର ହୋଇପାରେ ବା ନ ହୋଇ ପାରେ କିନ୍ତୁ ଅନ୍ୟର ନିନ୍ଦା କରିବା, କାହାର ଗୋଇ ଖୋଳିବା, କାହାକୁ ଖାଲରେ ପକାଇବା ପାଇଁ ଗୁପ୍ତ ଷଡ଼ଯନ୍ତ୍ର କରିବା, ଅନ୍ୟର ଅମଙ୍ଗଳ କାମନା କରିବା, ଉଚ୍ଚ ଅଧିକାରୀଙ୍କ ପାଖରେ କାହା ବିରୋଧରେ ନାନାଦି ଚୁଗୁଲି କରିବା – ଏସବୁ ଆଜ୍ଞା ଅତି ମାରାତ୍ମକ ଗୁଣ, ଯାହା ଏହି ମଣିଷ, ହଁ କେବଳ ମଣିଷ ପାଖରେ ହିଁ ଅଛି । ମଣିଷକୁ ବାଦ୍ ଦେଲେ ଅନ୍ୟ କେଉଁ ପଶୁ ପକ୍ଷୀ ବା ସଂସାରର କୋଉ ଜୀବଙ୍କ ପାଖରେ ଏ ଦୁର୍ଗୁଣଟି ନ ଥାଏ ।

ଆଉ ଗୋଟିଏ କଥା ଭାବିଲେ ବି ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ଯେଉଁ ମଣିଷମାନେ ଶାସ୍ତ୍ର ପୁରାଣ, ଧର୍ମ ଅଧର୍ମଠାରୁ ବହୁ ଦୂରରେ, ସେମାନେ ଯଦି ଏପରି ଚୁଗୁଲି କାମ କରିବସନ୍ତି ତେବେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କିନ୍ତୁ ଚିତା ଚଇତନ କାଟିଥିବା ମଣିଷଟିଏ, କଥା କଥାକେ ଗୀତା ଭାଗବତର ବାଣୀକୁ ଉଦାହରଣ ଦେଉଥିବା ବା ଧର୍ମ କଥା କହୁଥିବା ମଣିଷଟିଏ ଯେତେବେଳେ ଅନ୍ୟର ଦୁର୍ଗୁଣ ବଖାଣି ବସେ, ଚୁଗୁଲିକୁ ନିଜ ରୋଜଗାରର ମାଧ୍ୟମ କରିବସେ, ସେତେବେଳେ ମଣିଷର ଏହି ଦୟନୀୟ ସ୍ଥିତିକୁ ଦେଖି ଭାରି ଲଜ୍ଜା ଲାଗେ । ଧର୍ମକୁ ଆଖିଠାର ମାରୁଥିବା ଏଇ ମଣିଷମାନେ ସବୁଠି ଏବେ ହାଉ ଯାଉ ହେଉଛନ୍ତି ।

ଆଉ କେତେଜଣ ଲୋକ ଅଛନ୍ତି ସେମାନଙ୍କ ଦ୍ୱାରା କେବେ ଭୁଲ୍ ହୁଏ ନାହିଁ ବୋଲି ସ୍ୱପ୍ନରେ ସୁଦ୍ଧା ସେମାନେ ଭାବି ପାରନ୍ତି ନାହିଁ । ମୁଁ ଯାହା କରୁଛି ଠିକ୍ ବୋଲି ଏକ ଭ୍ରମ ଭାବନାରେ ସେମାନେ ବାଟ ଚାଲି ଅନ୍ୟମାନେ କେବଳ ଭୁଲ୍ କରୁଛନ୍ତି ବୋଲି କହି ଚିତ୍କାର କରିବାରେ ଲାଗିଥାନ୍ତି । ଏମାନଙ୍କର ଅହଂକାର ଟିକେ ମୋଟା ବା କଠିନ ହୋଇଯାଇଥାଏ । ସେଥିପାଇଁ ସେମାନଙ୍କର ଏ ଅବସ୍ଥା ଥାଏ ।

ଐଶ୍ୱରିକ ସଡ଼କରେ ବାଟ ଚାଲୁଥିବା ଆଧ୍ୟାତ୍ମିକ ମଣିଷଟିଏ ହେଉ ବା ସାଧାରଣ ମଣିଷଟିଏ – କେହି ଅଯଥା ଦୋଷଦର୍ଶୀ ହୁଅନ୍ତୁ ନାହିଁ । ଆଧ୍ୟାତ୍ମିକ ଉନ୍ନତିର ବାଟ ବନ୍ଦ ହୋଇଯିବ ଯେ ! ତୁମ ଚାଲାଖିକୁ ଅନ୍ୟମାନେ ଧରି ପାରନ୍ତୁ କି ନ ପାରନ୍ତୁ, ତୁମ ଭିତରେ ଯେଉଁ ପରମାତ୍ମା ପରମ ପୁରୁଷ ଜଣକ ଅଛନ୍ତି, ତାଙ୍କ ଦୃଷ୍ଟି ଆଢୁଆଳରୁ ତୁମେ କ'ଣ ଦୂରେଇ ଯାଇ ପାରିବ ? ମହାତ୍ମାମାନେ ଯଥାର୍ଥରେ କହିଛନ୍ତି ଅନ୍ୟର ନିନ୍ଦା କରିବା ଅର୍ଥ ତାଙ୍କ ରକ୍ତ ପୂଜ ଆଉ ବିଷ୍ଠାକୁ ଭକ୍ଷଣ କରିବା ସହ ସମାନ । ଅନ୍ୟକୁ ଗୋଟିଏ ଆଙ୍ଗୁଠି ଦେଖାଇବା ବେଳେ ଅବଶିଷ୍ଟ ଆଉ ଚାରୋଟି ଆଙ୍ଗୁଠି ଯେ ନିଜ ଆଡ଼କୁ ଥାଏ – ଏ ସୂତ୍ରକୁ ସଦା ମନେରଖିଲେ ଅନ୍ୟର କୁତ୍ସାରଟନା କରିବାକୁ ମନ ଆଉ ଦୌଡ଼ିବ ନାହିଁ ।

*–ପ୍ରିନ୍ସିପାଲ, ଆପେକ୍ସ ଆଇଟିଆଇ, ପତ୍ରକଣା, କସର୍ଦା, କଟକ*

*ମୋ: ୯୪୩୭୨୯୨୬୯୯*

## ସମୀକ୍ଷାୟନ

### ଚୋରାବାଲି ଓ ଅନ୍ୟାନ୍ୟ ଗଳ୍ପ

**ସ୍ନେହଲତା ନାୟକ,**
**ପ୍ରକାଶକ- କାବ୍ୟଲୋକ**
**ଗ୍ୟାରେଜ ଛକ, ଭୁବନେଶ୍ୱର-୨, ମୂଲ୍ୟ-୨୦୦ଟଙ୍କା**





ଚୋରାବାଲି ଓ ଅନ୍ୟାନ୍ୟ ଗଳ୍ପ ପୁସ୍ତକରେ ୧୯ଟି ଗପ ପ୍ରକାଶିତ ହୋଇଛି । ଗପଗୁଡ଼ିକ ସାମାଜିକ ଚଳଣି, ରୀତି ନୀତି ଓ ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣାକୁ ନେଇ ଲେଖାଯାଇଛି । ଗାଳ୍ପିକା ମଣିଷ ଜୀବନରେ ଘଟୁଥିବା ପରିବର୍ତ୍ତନର ଧାରା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ସମୟ ଆସୁଛି ସୁଖ ଶାନ୍ତିରେ ବଞ୍ଚୁଥିବା ମଣିଷ ରସାତଳଗାମୀ ହୋଇଯାଉଛି । ପ୍ରିୟଜନମାନଙ୍କର ମରଣ ଏବଂ ହା ହୁତାସ ମଣିଷକୁ କରୋନା ସମୟରେ କିଭଳି କବଳିତ ଓ ବ୍ୟତିବ୍ୟସ୍ତ କରିଥିଲା ତାହା ଲେଖିକାଙ୍କୁ ବ୍ୟଥିତ ଓ ବେଦନାକ୍ତ କରିଛି । କିନ୍ତୁ ସବୁ ଭିତରେ ବି ଉଜ୍ଜ୍ୱଳ ସ୍ୱପ୍ନକୁ ସଜାଡି କୋଳାହଳ ଭିତରକୁ ଫେରୁଛନ୍ତି ଲେଖିକା । ଅନୁରାଗରେ ତୋଳି ନେଉଛନ୍ତି ପୃଥିବୀର ଅସହାୟ ମଣିଷମାନଙ୍କର ଲୁହ ଓ କୋହକୁ । ପୁସ୍ତକର ଯେ କୌଣସି ଗପ ପଢନ୍ତୁ ବିଷ କଳସ ହେଉ, ଗୁରୁ ଦକ୍ଷିଣା ହେଉ କିମ୍ବା ଖୋଳପା କି ଡାଆଣୀ ଯାହାକୁ ପଢିବେ ତାହା ଆପଣଙ୍କୁ ବାନ୍ଧି ରଖିବ । ଏଥିରେ ସନ୍ଦେହ ନାହିଁ ।

### ସାରଳା ମହାଭାରତର ସ୍ୱର୍ଗାରୋହଣ ପର୍ବ

**ପ୍ରଫେସର କୃଷ୍ଣଚରଣ ସାହୁ, ପ୍ରଫେସର ଉଦୟନାଥ ସାହୁ**
**ପ୍ରକାଶକ-ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ,**
**କଟକ-୨ ,ମୂଲ୍ୟ-୨୨୦ଟଙ୍କା**

ସାରଳା ମହାଭାରତର ସ୍ୱର୍ଗାରୋହଣ ପର୍ବ ହେଉଛି ପ୍ରଫେସର କୃଷ୍ଣଚରଣ ସାହୁ ଓ ପ୍ରଫେସର ଉଦୟନାଥ ସାହୁଙ୍କ ଦ୍ୱାରା ଲେଖାଯାଇଥିବା ଆଲୋଚନା ପୁସ୍ତକ । ସାରଳା ମହାଭାରତର 'ସ୍ୱର୍ଗାରୋହଣ ପର୍ବ' ଏକ ଅନନ୍ୟ ସାଧାରଣ ସାରସ୍ୱତ ସୃଷ୍ଟି । ପ୍ରଜାଙ୍କଠାରୁ ଯୁଧିଷ୍ଠିରଙ୍କ ବିଦାୟ, ପରୀକ୍ଷିତଙ୍କୁ ରାଜନୀତି ଶିକ୍ଷା ଦେଇ ରାଜଗାଦିରେ ଅଭିଷିକ୍ତ କରିବାଠାରୁ ଆରମ୍ଭ କରି ସ୍ୱଶରୀରରେ ସ୍ୱର୍ଗଗମନ ପର୍ଯ୍ୟନ୍ତ ବର୍ଣ୍ଣନା କରାଯାଇଥିଲେ ହେଁ, ସାରଳା ଦାସ ଏଥିରେ କିନ୍ତୁ ଅନେକ ନୂତନ କଥାବସ୍ତୁର ସଂଯୋଜନା କରିଛନ୍ତି । ସୁବର୍ଣ୍ଣଚୁଡି ଓ କଳିଯୁଗ ବିବରଣ, ହରିସାହୁର କନ୍ୟା ସୁହାଣୀକୁ ଯୁଧିଷ୍ଠିରଙ୍କ ବିବାହ, ବିବାହ ଉତ୍ସବ ବେଳେ ଅର୍ଜୁନ ଯମକୁ ବନ୍ଧନମୁକ୍ତ କରିବା କଥା କୁହାଯାଇଛି । ମହାଭରତ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ଏକ ଉଜ୍ଜ୍ୱଳ ଦର୍ପଣ । ସାଧାରଣ ଜନତାର ଜୀବନକୁ ଧାର୍ମିକ ତଥା ଆଧ୍ୟାତ୍ମିକ ଶୃଙ୍ଖଳାରେ ପରିଚାଳିତ କରିବା ଥିଲା ସାରଳା ଦାସଙ୍କର ମୂଳ ଲକ୍ଷ୍ୟ ।







### ମୂର୍ଚ୍ଛନା

**ସମ୍ପାଦକ- ଅଜୟ ମହାନ୍ତି, ପ୍ଲଟ ନଂ- ୧୬୭୨,**
**ବଡ଼ଗଡ଼ କେନାଲ ରୋଡ୍, ଭୁବନେଶ୍ୱର-**
**୭୫୧୦୧୪, ମୂଲ୍ୟ- ୫୦ ଟଙ୍କା**

ଭାରତୀୟ ସଂଗୀତ, ନୃତ୍ୟ, ନାଟକ ଓ ଯନ୍ତ୍ର ସଙ୍ଗୀତ ଅନୁଷ୍ଠାନ 'ମୂର୍ଚ୍ଛନା'ର ମୁଖପତ୍ର ମୂର୍ଚ୍ଛନା । ଚଳିତବର୍ଷ ଏହି ପତ୍ରିକାର ବାର୍ଷିକ ସଂଖ୍ୟା ପ୍ରକାଶ ପାଇଛି । ବହୁ ପ୍ରବୀଣ ଓ ତରୁଣଙ୍କ ଲେଖନୀ ନିସୃତ ପ୍ରବନ୍ଧ, ଗଳ୍ପ, ଭଜନ, ଯୋଗ ଓ ସ୍ୱାସ୍ଥ୍ୟ, କବିତା ଓ ଗୀତିକବିତାକୁ ନେଇ ପରିପୁଷ୍ଟ ଏହି ପତ୍ରିକାର କଳେବର । ସମ୍ପାଦକୀୟରେ ଉଲ୍ଲେଖିତ ଓଡିଶାର ଦୁଇ ବରେଣ୍ୟ ବ୍ୟକ୍ତିତ୍ୱ ଭଜନ ସମ୍ରାଟ ଭିକାରୀ ବଳ ଓ ବିଶିଷ୍ଟ ବେହେଲା ବାଦକ ସୁନାକର ସାହୁଙ୍କ ଆଦ୍ୟ ସଙ୍ଗୀତକାର ଜୀବନ ବେଶ୍ ମନଛୁଆଁ । ଗତାନୁଗତିକ ଧାରାଠୁ ଭିନ୍ନ କରିବାର ପ୍ରଚେଷ୍ଟା ବାରି ହୋଇପଡେ । ତେବେ ଏହି ପତ୍ରିକା ପାଠକଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଏ ।

### ଯୁଗଶ୍ରୀ ଯୁଗନାରୀ

**ସମ୍ପାଦିକା- ମମତା ମହାପାତ୍ର, ନେଳିଆବାଗ,**
**ଶ୍ରୀକଣ୍ଠପୁର, ବାଲେଶ୍ୱର, ମୂଲ୍ୟ- ୨୦ ଟଙ୍କା**




ମାସିକ ମହିଳା ମୁଖପତ୍ର 'ଯୁଗଶ୍ରୀ ଯୁଗନାରୀ'ର ଜୁନ୍ ସଂଖ୍ୟା ହସ୍ତଗତ ହୋଇଛି । ଓଡିଶା ଉଚ୍ଚନ୍ୟାୟାଳୟର ଦ୍ୱିତୀୟ ମହିଳା ବିଚାରପତି ଡ. ସଞ୍ଜୁ ପଣ୍ଡାଙ୍କ ସାକ୍ଷାତକାର ପ୍ରେରଣାଦାୟକ । ବହୁ ପ୍ରବୀଣଙ୍କ ଲେଖାରେ ପରିପୂର୍ଣ୍ଣ ପତ୍ରିକାର କଳେବର । ପତ୍ରିକାର ପ୍ରତ୍ୟେକ ବିଭାଗରେ ଭରି ରହିଛି ପାଠକଙ୍କୁ ଆକୃଷ୍ଟ କରିବାର ଉପାଦାନ । ଅମୃତାପ୍ରୀତମଙ୍କ ଅନୁବାଦିତ ଗଳ୍ପ ନଦୀ ସେମିତି ବହୁଥିଲା, ଯଶସ୍ୱିନୀ ମନୋରମା, ଅନନ୍ୟ ବିପ୍ଳବିନୀ ହିଲ୍ଦା ଗୁଏଭରା ଆଦି ବିଷୟ ଚଳିତ ସଂଖ୍ୟାକୁ ସମୃଦ୍ଧ କରିଛି ।

# ଚଷମା ନୁହେଁ ଇ-ବୁକ୍ ରିଡର୍

ଆଜିକାର ଡିଜିଟାଲ ଯୁଗରେ ବହି, ଖବର କାଗଜ, ପତ୍ରପତ୍ରିକାକୁ ହାତରେ ଧରି ପଢିବା ଲୋକଙ୍କ ସଂଖ୍ୟା କମିଗଲାଣି । ମୋବାଇଲ୍ ଅଛି ତ ଇଣ୍ଟରନେଟ୍ ମାଧ୍ୟମରେ ବିଭିନ୍ନ ଆପ୍ ଜରିଆରେ ତଥା ଇ-ବୁକ ମାଧ୍ୟମରେ ଏସବୁକୁ ପଢାଯାଉଛି । ଧୀରେ ଧୀରେ ବଢି ଚାଲିଥିବା ଏହି ଟ୍ରେଣ୍ଡକୁ ନଜରରେ ରଖି ଆସିଛି ଏମତି ଏକ ଇ-ବୁକ୍ ରିଡ଼ର୍ ଯାହା ଇ-ବୁକ୍ ପଢିବା ସହଜ କରିଦେବ । ଏହା ଦେଖିବାକୁ ପୁରାପୁରି ଏକ ସନ୍‌ଗ୍ଲାସ୍ ପରି । ଏସ୍‌ଓଏଲ୍ ନାମକ ଉକ୍ତ ଇ-ବୁକ୍ ରିଡର୍‌ଟି ଭିଆର୍ ହେଡସେଟ୍ ପରି । ଉକ୍ତ ଗ୍ୟାଜେଟ୍‌କୁ



ହ୍ୟାଣ୍ଡସ୍ ଫ୍ରି ରିଡର୍ ଭାବେ ଡିଜାଇନ୍ କରାଯାଇଛି । ଏହାକୁ ଚଷମା ପରି ଆଖିରେ ପିନ୍ଧି ଇ-ବୁକ୍ ପଢିହେବ । ଏହାର ଓଜନ ମାତ୍ର ୧୦୦ ଗ୍ରାମ ଓ ବହୁତ ଆରାମଦାୟକ । ଏହାକୁ ପିନ୍ଧି ଶୋଇ, ବସି ଯେକୌଣସି ପ୍ରକାରରେ ଇ-ବୁକ୍ ପଢିହେବ । ଏଥିରେ ଡାଇଓପ୍ଟର ଆଡଜଷ୍ଟମେଣ୍ଟ ସିଷ୍ଟମ ବି ଅଛି । ତେଣୁ ଯେଉଁମାନେ ଲେନ୍ସ ବ୍ୟବହାର କରୁଛନ୍ତି ଅବା ପାୱାର ଚଷମା ଲଗାଉଛନ୍ତି ସେମାନଙ୍କ ଆଖି ପାୱାର ଅନୁଯାୟୀ ତାହା ଆଡଜଷ୍ଟ ହେବ । ତା'ଛଡା ଏହାକୁ ଏଭଳି ଡିଜାଇନ୍ କରାଯାଇଛି ଯେ, ଏହାକୁ ପିନ୍ଧିଲେ ଆଖପାଖର ଅନ୍ୟ କିଛି ଦେଖି ହେବ ନାହିଁ । ଯଦ୍ୱାରା ପଢୁଥିବା ବ୍ୟକ୍ତି ଅନ୍ୟମନସ୍କ ନ ହୋଇ କେବଳ ପଢା ପ୍ରତି ଧ୍ୟାନ କେନ୍ଦ୍ରିତ ରଖିବେ । ଇ-ବୁକ୍ ବ୍ଲାକ୍ ବ୍ୟାକ୍ ଗ୍ରାଉଣ୍ଡରେ ଦେଖାଯିବ । ଯଦ୍ୱାରା ପଢିବା ସହଜ ହେବ । ତେବେ ପୃଷ୍ଠା ଲେଉଟାଇବା ଲାଗି ରିମୋଟ୍ ପରି ବଟନ୍‌କୁ ବ୍ୟବହାର କରିବାକୁ ହେବ । ଏଥିରେ ଏକ ବିଲ୍ଟ ଇନ୍ ବ୍ୟାଟେରୀ ଅଛି, ଯାହାକୁ ଥରେ ଚାର୍ଜ କଲେ ୩୦ ଘଣ୍ଟା ପଢିହେବ । ଏହାର ଷ୍ଟୋରେଜ୍ ଲିମିଟ ୬୪ ଏମ୍‌ବି । ତେବେ ଏହା ମୋବାଇଲ୍ ଆଇଓଏସ୍ ଅବା ଆଣ୍ଡ୍ରୋଏଡ ଆପ୍ ସହ କନେକ୍ଟେଡ ଥାଏ । ତେଣୁ ଏଥିରେ ଇ-ବୁକ ଷ୍ଟୋର କରିବା ଜରୁରୀ ହୋଇ ନ ଥାଏ ।

ଟ୍ୟାକ୍ ପେଜ୍





# ରଙ୍ଗିନ କୁକୁର

କୁକୁର ଘରେ ରଖିବାକୁ ଅନେକେ ପସନ୍ଦ କରନ୍ତି । କାରଣ ଏହା ବିଶ୍ୱସ୍ତ ଓ ଘରେ କୁକୁର ଥିଲେ ଚୋରି ଭୟ ନ ଥାଏ । ହେଲେ ଆଜିକାଲି କିଛି ଲୋକ ଘର ଜଗିବା ଲାଗି କୁକୁର ରଖୁ ନାହାନ୍ତି ବରଂ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରାଇ ପୁରସ୍କାର ଓ ପ୍ରସିଦ୍ଧି ପାଇବା ପାଇଁ ରଖୁଛନ୍ତି । ଯେମିତିକି ଆମେରିକା, ସାନଡିଆଗୋର ୪୨ ବର୍ଷୀୟା ଆଞ୍ଜେଲା ସ୍କୁନୋଭର ବର୍ଷେ ତଳେ ଧଳା ରଙ୍ଗର ଏକ କୁକୁର ଛୁଆ ଗ୍ରୁମିଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରାଇବା ପାଇଁ ଆଣିଥିଲେ । ଏହି ପ୍ରତିଯୋଗିତାରେ ଯେଉଁ କୁକୁରର ଗ୍ରୁମିଂ ସବୁଠୁ ସୁନ୍ଦର ଓ ନିଆରା ହୋଇଥାଏ ସେ କୁକୁର ବିଜେତା ହୁଏ । ସେଥିପାଇଁ ନିଜ କୁକୁରକୁ ସେ ଭିନ୍ନ ଏକ ଲୁକ୍ ଦେବାକୁ ଯାଇ ତା'ର ଲୋମ ଭିନ୍ନଧରଣର କଟାଇଥିଲେ । ତା'ସହ ତାର ଚାରି ଗୋଡ, ମୁଣ୍ଡ, କାନର ଲୋମକୁ ନୀଳ, ଗୋଲାପୀ ଓ ବାଇଗଣୀ ରଙ୍ଗରେ ରଙ୍ଗାଇଥିଲେ । ଫଳରେ କୁକୁରଟି ବେଶ୍ ଆକର୍ଷକ ଲାଗିଲା । ଆଞ୍ଜେଲା କୁକୁରଟିର ମୁଣ୍ଡରେ ଏକ ନକଲି ଶିଙ୍ଗ ବି ଲଗାଇଲେ । ଯଦ୍ୱାରା କୁକୁରଟି ଏକ ସୁନ୍ଦର ୟୁନିକର୍ନ ପରି ଲାଗିଲା । ଅନେକେ କୁକୁରଟିର ଲୁକ୍‌କୁ ପ୍ରଶଂସା କଲେ । ହେଲେ କେହି କେହି ପ୍ରାଣୀ ପ୍ରତି ଅତ୍ୟାଚାର ବୋଲି ବି ମତ ଦେଉଛନ୍ତି । ତେବେ କୁକୁରଟି ନିଜ ଲୁକ୍‌କୁ ନେଇ ବେଶ୍ ଖୁସିଥିବା ଜଣାପଡେ । ସେ ଲୋକଙ୍କ ସହ ସେଲ୍ଫି ନେବାକୁ ପସନ୍ଦ କରେ । କ୍ୟାମେରା ସାମ୍ନାରେ ପୋଜ୍ ଦେବାରେ ବି ସେ ବେଶ୍ ଧୁରନ୍ଧର । ତେଣୁ ତାକୁ ଯେ ବି ଦେଖୁଛନ୍ତି ତା' ପ୍ରେମରେ ପଡ଼ି ଯାଉଛନ୍ତି ।





# ଜୀବନ ସାରା କେଶ କାଟିବା ମନା

ନିଜ କେଶକୁ ନାନା ପ୍ରକାରରେ ସଜାଇବା, ଇଚ୍ଛା ମୁତାବକ କାଟି ଭିନ୍ନ ଭିନ୍ନ ରୂପ ଦେବାକୁ ସବୁ ନାରୀ ଭଲ ପାଆନ୍ତି । ହେଲେ ଏମିତି ଏକ ସମୁଦାୟ ଅଛି ଯେଉଁଠିକାର ଧାର୍ମିକ ନୀତି ନିୟମ ଏତେ କଠୋର ଯେ, ଆଜିକା ଯୁଗରେ ବି ନାରୀଙ୍କୁ ଆଜୀବନ କେଶ କାଟିବା ସହ ଶରୀରର ଚୁଟି ଶେଭିଂ କରିବା ମନା । ଏହି ସମୁଦାୟ ହେଉଛନ୍ତି ଏନାବାପ୍ଟିଜିମ୍ ଖ୍ରୀଷ୍ଟିୟାନ ଚର୍ଚ୍ଚ ସହ ଜଡ଼ିତ ଅମିଶ୍ ସମ୍ପ୍ରଦାୟ । ସମୟ ବଦଳିଛି ହେଲେ ଏଠାକାର ନିୟମ ପୂର୍ବରୁ ଯେମିତି ଥିଲା ଏବେ ବି ସେମିତି ଅଛି । ଏଠାକାର ମହିଳାମାନେ ବିବ୍‌ଲିକଲ୍ ନିୟମ ପାଳନ କରନ୍ତି । ଯେଉଁ ନିୟମାନୁସାରେ ସେମାନେ କେବେ ବି କେଶ କାଟି ପାରିବେ ନାହିଁ । ତାସହ ସବୁବେଳେ ଖୋସା କରି ରହିବେ ଓ ଖୋସା ଉପରେ କପଡା ଘୋଡାଇ ରଖିବେ । ଏହି ସମ୍ପ୍ରଦାୟର ମହିଳାଙ୍କୁ କେବଳ ଘରେ କେଶ ଖୋଲିବାର ଅନୁମତି ଥାଏ । ଏଠାକାର ନିୟମାନୁସାରେ ମହିଳାଙ୍କୁ ଶରୀରର କେଶ ଶେଭିଂ କରିବା ବି ମନା । ସେଥିପାଇଁ ମହିଳାମାନେ ଲଙ୍ଗ ସ୍ଲିଭ୍ ସହ ପାଦ ପର୍ଯ୍ୟନ୍ତ ଲମ୍ବା ଡ୍ରେସ୍ ପିନ୍ଧନ୍ତି । ସେହି ଡ୍ରେସ୍ ପ୍ଲେନ୍ ଫ୍ୟାବ୍ରିକ୍‌ର ହେବା ମଧ୍ୟ ଜରୁରୀ । ସେଥିରେ କୌଣସି ପ୍ୟାଟର୍ନ ରହିବ ନାହିଁ । ପ୍ରାୟତଃ ଲାଭେଣ୍ଡର ଓ ବ୍ଲୁ ରଙ୍ଗର କେପ୍ ଡ୍ରେସ୍ ସେମାନେ ପିନ୍ଧନ୍ତି । ତେଣୁ ସବୁ ମହିଳାଙ୍କର ପୋଷାକ ଏକାପରି ହୋଇଥାଏ । ଆଉ ପାଦରେ ଗାଢ ରଙ୍ଗର ମୋଜା ପିନ୍ଧନ୍ତି । ତେବେ ସମୟ ବଦଳିବା ସହ ଏହିସବୁ କଠୋର ନିୟମରେ କିଛିଟା ପରିବର୍ତ୍ତନ ଆସିଛି । ଆଜିକାଲି ଏଠାକାର ମହିଳା ଚାହିଁଲେ ଶରୀରର କେଶ ଶେଭ୍ କରିପାରିବେ । ଆଉ ଯେଉଁମାନଙ୍କ ମୁଣ୍ଡର କେଶ ବହୁତ ମୋଟା ସେମାନେ ହେୟାର ଥିନିଂ ପାନିଆ ବ୍ୟବହାର କରିପାରିବେ ଯେମିତିକି ସେମାନଙ୍କ ଖୋସା ଟିକେ ହାଲ୍‌କା ହେବ । ତେବେ ଆଜିବି ଏହି ସମ୍ପ୍ରଦାୟର ମହିଳା କେବଳ ଘର କାମ ଓ ପିଲାଙ୍କ ଯତ୍ନ ନେବାରେ ନିୟୋଜିତ ହୁଅନ୍ତି । ଆମେରିକା, କାନାଡାରେ ଏହି ସମ୍ପ୍ରଦାୟ ବେଶି ଦେଖିବାକୁ ମିଳନ୍ତି ।